ଧରିତ୍ରୀ
DHARITRI
December 31, 2023 -January 6, 2024 ₹ 2/-
ଧରିତ୍ରୀ DHARITRI 50 Years

MedPlus

ମେଡ୍‌ପ୍ଲସ୍ ବ୍ରାଣ୍ଡର ଔଷଧ

50-80%* ରିହାତିରେ

9.5 ଲକ୍ଷରୁ ଅଧିକ ଗ୍ରାହକ ଔଷଧ କିଣା ଉପରେ
74.5 କୋଟିରୁ ଅଧିକ ସଞ୍ଚୟ କରିଛନ୍ତି!

ଆପଣ କେବେ ଆରମ୍ଭ କରିବେ?



| | |
|---|---|
| ମୋ ଡାକ୍ତର ଲେଖିଥିବା ସବୁ ଔଷଧ ମୁଁ ପାଇବି କି? | ହଁ, ମେଡ୍‌ପ୍ଲସ୍‌ରେ ଆପଣ ପ୍ରେସ୍‌କ୍ରାଇବ୍ ହୋଇଥିବା ପାଖାପାଖି 80% ଔଷଧର ବିକଳ୍ପ ଔଷଧ ପାଇପାରିବେ । ଏହା ମଧ୍ୟରେ ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଥାଇରଏଡ୍, କୋଲେଷ୍ଟରଲ୍, ହୃଦ୍‌ରୋଗ ଆଦି ରୋଗ ସମେତ ବ୍ୟଥା, ଥଣ୍ଡା, ଜର, ଆଲର୍ଜି ଏବଂ ସଂକ୍ରମଣ ପାଇଁ ଔଷଧଗୁଡ଼ିକ ଅନ୍ତର୍ଭୁକ୍ତ । |
| କ୍ୱାଲିଟି ବିଷୟରେ କ'ଣ? ଏହି ଔଷଧଗୁଡ଼ିକ ମୋ ଡାକ୍ତର ଲେଖିଥିବା ଔଷଧର କ୍ୱାଲିଟିର ସମତୁଲ୍ୟ ହେବ ତ? | ମେଡ୍‌ପ୍ଲସ୍ ବ୍ରାଣ୍ଡ ଔଷଧଗୁଡ଼ିକ ଦେଶର ସର୍ବଶ୍ରେଷ୍ଠ ବ୍ରାଣ୍ଡ ଭଳି ସମାନ ପ୍ରସ୍ତୁତୀକରଣ କେନ୍ଦ୍ର#ରେ ନିର୍ମିତ ହୋଇଥାଏ । ଏହି ଔଷଧଗୁଡ଼ିକୁ ତିଆରି କରିବା ପାଇଁ ସମାନ ମାନକ ଅନୁସରଣ କରାଯାଏ ଏବଂ ତାହାର ଗୁଣବତ୍ତା ବଜାରର ସର୍ବଶ୍ରେଷ୍ଠ ଔଷଧଗୁଡ଼ିକ ସହ ସମାନ ହୋଇଥାଏ । *#ଆପଣ ଔଷଧ ଷ୍ଟ୍ରିପ୍‌ରେ ପ୍ରସ୍ତୁତକର୍ତ୍ତାଙ୍କ ନାମକୁ ଯାଞ୍ଚ କରି ଏହାର ସତ୍ୟତା ବିଷୟରେ ସୁନିଶ୍ଚିତ ହୋଇପାରିବେ ।* |
| ଯଦି କ୍ୱାଲିଟି ସମାନ, ତେବେ 50-80%ର ରିହାତି କେମିତି ସମ୍ଭବ ହୋଇପାରୁଛି? | ଆପଣ ନିୟମିତ ଭାବେ କିଣୁଥିବା ଔଷଧଗୁଡ଼ିକ ତାହାର ବିପଣନ ଓ ବିତରଣ ଖର୍ଚ୍ଚ କାରଣରୁ ମହଙ୍ଗା ହୋଇଥାଏ । ମେଡ୍‌ପ୍ଲସ୍ ମାର୍କେଟିଂ ଓ ବିତରଣ ପାଇଁ ଅତିରିକ୍ତ ଖର୍ଚ୍ଚ କରି ନ ଥାଏ, ତେଣୁ 50-80% ରିହାତି ସମ୍ଭବ ହୋଇପାରିଥାଏ । |
| ଫାର୍ମାସୀ ଚେନ୍‌ଗୁଡ଼ିକ ନିଜସ୍ୱ ବ୍ରାଣ୍ଡର ଔଷଧ ବିକ୍ରି କରିବା ଏକ ସାଧାରଣ କଥା କି? | ହଁ, ସାରା ବିଶ୍ୱରେ, ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକାରେ, ୱାଲ୍‌ଗ୍ରୀନ୍ସ ଏବଂ ସିଭିଏସ୍ ଭଳି ବଡ଼ ବଡ଼ ଫାର୍ମାସୀ ଚେନ୍ ସେମାନଙ୍କ ନିଜସ୍ୱ ବ୍ରାଣ୍ଡର ଔଷଧ ବିକ୍ରି କରିଥାନ୍ତି । ଔଷଧର ପ୍ୟାଟେଣ୍ଟ ସମୟସୀମା ସରିବା ପରେ ଏହିଭଳି କମ୍ପାନୀମାନେ ନିଜ ବ୍ରାଣ୍ଡର ଔଷଧ ତିଆରି କରି ବିକ୍ରି କରିଥାନ୍ତି । ଅତୀତରେ, ନିଜ ବ୍ରାଣ୍ଡର ଔଷଧ ତିଆରି କରିବା ପାଇଁ ଭାରତରେ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଆକାର ଓ ସାମର୍ଥ୍ୟର କୌଣସି କମ୍ପାନୀ ନ ଥିଲା । ବର୍ତ୍ତମାନ, 4000 ଷ୍ଟୋର୍ ଏବଂ 4500 କୋଟିରୁ ଅଧିକ କାରବାର ସହିତ ନିଜସ୍ୱ ବ୍ରାଣ୍ଡ ତିଆରି କରିବା ପାଇଁ ମେଡ୍‌ପ୍ଲସ୍ ନିକଟରେ ସେହି ଆକାର ଓ ସାମର୍ଥ୍ୟ ଅଛି । |

ପରବର୍ତ୍ତୀ ସମୟରେ ମେଡ୍‌ପ୍ଲସ୍‌କୁ ଗଲେ, ମେଡ୍‌ପ୍ଲସ୍ ବିକଳ୍ପ ଔଷଧ ମାଗନ୍ତୁ ଓ ଅଧିକ ସଞ୍ଚୟ କରନ୍ତୁ!


ଆଜି ହିଁ ନିକଟତମ ଷ୍ଟୋର୍ ପରିଦର୍ଶନ କରନ୍ତୁ କିମ୍ବା କଲ୍ କରନ୍ତୁ 040-6700 6732

ସୀମିତ ଅବଧିର ସବ୍‌ସ୍କ୍ରିପ୍ସନ୍ ଅଫର ଟ.50/ବର୍ଷ (ନିୟମିତ ମୂଲ୍ୟ ~~499~~/ବର୍ଷ) ।
*ନିୟମ ଓ ସର୍ତ୍ତାବଳୀ ଲାଗୁ । ଡିପିସିଓ ଉତ୍ପାଦଗୁଡ଼ିକ ଉପରେ ରିହାତି ଭିନ୍ନ ହୋଇପାରେ ।

## ନୂଆ ବର୍ଷ ଦିନ କ'ଣ କିଣିବା ଶୁଭ

ନୂଆ ବର୍ଷଟି ସୁଖମୟ ହେବା ପାଇଁ ଏହିଦିନ କିଏ ଘରେ ପୂଜାପାଠର ଆୟୋଜନ କରିଥାନ୍ତି ତ କିଏ ମନ୍ଦିରକୁ ଯାଇ ଦେବୀଦେବଙ୍କ ଦର୍ଶନ କରିଥାନ୍ତି। ତେବେ ବାସ୍ତୁଶାସ୍ତ୍ର କହେ ଏମିତି କିଛି ଖାସ୍ ଜିନିଷ ଅଛି, ଯାହାକୁ ନୂଆ ବର୍ଷ ଦିନ ଘରକୁ ଆଣିଲେ ଶୁଭଫଳ ମିଳିଥାଏ। ଜାଣନ୍ତୁ ସେ ସମ୍ପର୍କରେ..

* ବିଘ୍ନନାଶନ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଯେଉଁଠି ଥାଏ, ସେଠାରେ



ବିପଦ ସହଜରେ ଆସେନାହିଁ। ତେଣୁ ନୂଆବର୍ଷର ପ୍ରଥମ ଦିନ ଘରକୁ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ହେଉ ଅବା ଫଟୋ ଆଣିବା ସବୁଠୁ ଶୁଭଦାୟକ।

* ଯେହେତୁ ମୟୂର ପୁଚ୍ଛର ସମ୍ବନ୍ଧ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହ ରହିଛି ; ତେଣୁ ନୂଆବର୍ଷ ଦିନ ଘରକୁ ମୟୂରପୁଚ୍ଛ କିଣି ଆଣିଲେ ଘରର ଅଭାବ ଦୂରହେବା ସହ ବାତାବରଣ ସକାରାତ୍ମକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ନୂଆବର୍ଷର ପ୍ରଥମ ଦିନ ଘରକୁ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ଆଣିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ, ପ୍ରେମ ବଢ଼ିବା ସହ ନୂତନ ସୁଯୋଗର ପଥ ଖୋଲିଥାଏ ବୋଲି ବିଶ୍ୱାସ ରହିଛି।

* ନୂଆବର୍ଷ ଦିନ ଘରକୁ ଆକ୍ୱାରିୟମ ଆଣି ଉତ୍ତର ଦିଗରେ ରଖିଲେ ପରିବାର ଲୋକଙ୍କ ଉପରେ କାହାରି କୁଦୃଷ୍ଟି ଲାଗି ନ ଥାଏ। ସେମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ ବୋଲି ବିଶ୍ୱାସ ରହିଛି।

* ଯଦି ଘରେ ଛୋଟମୋଟ କଥାକୁ ନେଇ ସବୁବେଳେ ଝଗଡ଼ା ଲାଗୁଥାଏ, ତା'ହେଲେ ନୂଆବର୍ଷ ଦିନ ଘରକୁ କଇଁଛର ପ୍ରତିମା ଆଣି ରଖିଲେ କ୍ରମେ ଏହି ସମସ୍ୟାରେ ସୁଧାର ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୩୧, ୨୦୨୩- ଜାନୁଆରୀ ୬, ୨୦୨୪

### ମେଷ



ସ୍ୱାୟବିକ ଦୁର୍ବଳତା, ଧୈର୍ଯ୍ୟଚ୍ୟୁତି ଘଟିପାରେ, ସଙ୍ଗୀତ ଚଳଚ୍ଚିତ୍ରରେ ଉନ୍ନତି, ସାମାଜିକ ସମ୍ମାନ, ରାଜନୈତିକ ସଫଳତା, ପାରିବାରିକ ଅଶାନ୍ତି, ପ୍ରତିବନ୍ଧକ ଦୂର ହେବ, ପରୋକ୍ଷ ଶତ୍ରୁତା, ବାଣିଜ୍ୟରେ କ୍ଷତି, ସଭାସମିତିକୁ ନିମନ୍ତ୍ରଣ ॥

### ବୃଷ




ବୈଷୟିକ ସୁଖ ସମୃଦ୍ଧି, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ପରିବହନରେ ବିବାଦ, ନିର୍ମାଣରେ ପ୍ରତିବନ୍ଧକ, ରଚନାତ୍ମକ କାମରୁ ପ୍ରଶଂସା, ସାହିତ୍ୟାନୁରାଗ, ସାମ୍ବାଦିକତାରୁ ଗୌରବ ॥

### ମିଥୁନ



ସ୍ୱାସ୍ଥ୍ୟଗତ ବୈଷମ୍ୟ, ପ୍ରଗତିର ପଥରୋଧ, ହିତୈଷୀଙ୍କ ପରାମର୍ଶ, ଯାନବାହାନରେ ତ୍ରୁଟି, ପାରିବାରିକ ଶାନ୍ତି, କ୍ରୀଡା ସଙ୍ଗୀତରୁ ପ୍ରଶଂସା, ଭ୍ରମଣ ସୁଯୋଗ ଲାଭ, ଋଣଗ୍ରସ୍ତ ହେବେ, କାର୍ଯ୍ୟଦକ୍ଷତା ବଢ଼ିବ ॥

### କର୍କଟ




ପାରିବାରିକ ବ୍ୟତିକ୍ରମ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ମାନସିକ ଚାପବୃଦ୍ଧି, ବିଶୃଙ୍ଖଳା ଦୂରେଇବେ, ବିଭିନ୍ନ ଯୋଜନା କରିବେ, ବନ୍ଧୁଙ୍କ ସାହାଯ୍ୟ, ନିୟନ୍ତ୍ରିତ, ବାକ୍ ଅସଂଯମତାରୁ କଳହ ॥

### ସିଂହ



ପ୍ରଭାବଶାଳୀ ରହିବେ, ସମସ୍ୟା ପ୍ରତିହତ ହେବ, ମାନସିକ ସ୍ଥିରତା, ଧନହାନୀ ଘଟିପାରେ, ଋଣ ପରିଶୋଧ କରିବେ, ପୁରାତନ ମିଥ୍ୟାଭିଯୋଗ ଆସିବ, ବିରକ୍ତିବୋଧ ଦୂର ହେବ, ଶେୟାର ବଜାରରେ ଉନ୍ନତି, ମକଦ୍ଦମା ସପକ୍ଷରେ ଯିବ ॥

### କନ୍ୟା



କର୍ମକ୍ଷେତ୍ରରେ ଅଗ୍ରଗତି, ବ୍ୟୟ ସଂକୋଚ କରିବେ, ଉଚ୍ଚଶିକ୍ଷାରେ ସଫଳତା, ସନ୍ତାନଙ୍କ ଉନ୍ନତି, ଆଇନ ସହାୟତାପ୍ରାପ୍ତି, ଅଦାଲତରେ ବିଜୟ,ସାହିତ୍ୟକୃତିରୁ ପ୍ରଶଂସା, ଏଜେନ୍ସିପ୍ର ପ୍ରସାର, ନୂତନ ପ୍ରକଳ୍ପାରମ୍ଭ, ଚୁକ୍ତିପତ୍ର କରିବେ, ଭାବପ୍ରବଣତା ବଢ଼ିବ ॥

### ତୁଳା



ଆର୍ଥିକ ଅନଟନ, ବନ୍ଧୁଙ୍କ ସହୃଦୟତା, ନୀଚ୍ଚଜନ ସହ ବିବାଦ, ଦୂରଯାତ୍ରାର ଯୋଜନା, କର୍ମ ସମ୍ପାଦନରେ ବାଧା, ଲକ୍ଷ୍ୟପୂରଣ କରିବେ, ମନୋରଞ୍ଜନର ମଉକା, ଭ୍ରମଣ ଉପଭୋଗ୍ୟ ହେବ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

### ବିଛା



ସମୟାନୁବର୍ତ୍ତିତାରୁ ପ୍ରଶଂସା, ବନ୍ଧୁଙ୍କୁ ଆପଣେଇ ନେବେ, ମିଷ୍ଟାନ୍ନ ଲାଭ, ବନ୍ଧୁମିଳନ, ଶାରୀରିକ ସୁସ୍ଥତା, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, ବୈପ୍ଳବିକ ଚିନ୍ତାଧାରା, ପ୍ରତିଯୋଗୀତାରେ ସଫଳତା, ସେବା ମନୋଭାବରୁ ପ୍ରଶଂସା ॥

### ଧନୁ



ମଧ୍ୟସ୍ଥତା କରିପାରନ୍ତି, ବିବାଦର ସମାଧାନ, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା ଚେତନା, ମାନସିକ ଅସ୍ଥିରତା, ଲୋକସମ୍ପର୍କ ବୃଦ୍ଧି, ସମସ୍ୟାର ଅନ୍ତ ଘଟିବ, ସାମାଜିକ ସମ୍ମାନ, ରାଜନୈତିକ ତତ୍ପରତା, ନୂତନଗୃହାରମ୍ଭ ॥

### ମକର



ଅତୀତ ଅନୁଚିନ୍ତା, ଦୋଷତ୍ରୁଟିର ସମୀକ୍ଷା, ଭ୍ରାତୃସମ୍ପର୍କରେ ଉନ୍ନତି, ପାରିବାରିକ ଶାନ୍ତି, ସନ୍ତାନହେତୁକ ଗୌରବ, ଋଣପରିଶୋଧ କରିବେ, ବିବାଦର ସମାଧାନ, ବ୍ୟବସାୟିକ ସଫଳତା, ପ୍ରତିଦ୍ୱନ୍ଦ୍ୱିତାରୁ ଓହରିବେ, ପରିଭ୍ରମଣର ପରିକଳ୍ପନା ॥

### କୁମ୍ଭ



ଉଚ୍ଚଚିନ୍ତା କରିବେ, ସହଯୋଗ ପାଇବେ, ସ୍ୱଜନଙ୍କ କୁତ୍ସାରଟନା, ଅପରିଣାମଦର୍ଶିତାର କୁଫଳ, ଅସ୍ୱସ୍ତିକର ପରିସ୍ଥିତି, ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହକ୍ରୟ, ଜମିଜମା ବିବାଦ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ଅନୁସନ୍ଧାନରେ ଅଗ୍ରଗତି ॥

### ମୀନ



ଶୁଭଖବରପ୍ରାପ୍ତି, ଚାକିରିରେ ପଦୋନ୍ନତି, ପଦାଧିକାରୀଙ୍କ ପରାମର୍ଶ, ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ କାର୍ଯ୍ୟାରମ୍ଭ, କ୍ରନିକରୋଗରେ ପୀଡା, ସ୍ଥଗିତ କର୍ମାରମ୍ଭ, ଗୁରୁଜନଙ୍କ ପରାମର୍ଶ, ଖର୍ଚ୍ଚଭାର ବୃଦ୍ଧି, ନୂତନବନ୍ଧୁ ସମ୍ପର୍କ ସ୍ଥାପନ, ଯୋଗଶିକ୍ଷାରେ ରୁଚି, ସମ୍ବର୍ଦ୍ଧିତ ହୋଇପାରନ୍ତି ॥

## ନୂଆବର୍ଷର ନୂଆ ସଂକଳ୍ପ

ପ୍ରତିଥର ନୂଆବର୍ଷ ଆସିଲେ ଅନେକେ କିଛି ନୂଆ କାର୍ଯ୍ୟ କରିବାର ସଂକଳ୍ପ ନେଇଥାନ୍ତି। କିଏ ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ବ୍ୟାୟାମ କରିବାକୁ ସଂକଳ୍ପ ନିଅନ୍ତି ତ ଆଉ କିଏ ଅଯଥାରେ ସମୟ ନଷ୍ଟ ନ କରି ପଢ଼ାପଢ଼ିରେ ମନ ଦେବାକୁ ଚିନ୍ତା କରିଥାନ୍ତି। ସେହିପରି ଆଉ କେହି କେହି ଜଙ୍କ୍‌ଫୁଡ୍ ଛାଡ଼ି ସନ୍ତୁଳିତ ଖାଦ୍ୟ ଖାଇବାକୁ



ନିଷ୍ପତ୍ତି ନେଇଥାନ୍ତି। ଏମିତି ଗୋଟି ଗୋଟି କରି ଦେଖିଲେ ନୂଆବର୍ଷରେ ସଂକଳ୍ପ ନେବାର ତାଲିକା ବହୁ ଲମ୍ବା ହୋଇଯିବ। କିନ୍ତୁ ଏଠାରେ ଗୋଟେ ପ୍ରଶ୍ନ ଉଠୁଛି ଯେ, ନୂଆବର୍ଷରେ ନୂଆ ସଂକଳ୍ପ ନେଇଥିବା ବ୍ୟକ୍ତିମାନେ ବର୍ଷ ସାରା ସେହି କଥା ମାନି ଚଳୁଛନ୍ତି ନା ନାହିଁ। ମନୋବିଜ୍ଞାନୀଙ୍କ ମତରେ, ନୂଆବର୍ଷକୁ ସୁଖମୟ କରିବା ପାଇଁ କୌଣସି ସଂକଳ୍ପ ନୁହେଁ ବରଂ ନିଜର ସ୍ୱଭାବ ଉପରେ ଟିକେ ନଜର ଦେବା ଜରୁରୀ। ଯେମିତିକି: ଈଶ୍ୱରବିଶ୍ୱାସୀ ହେବା, ମନରେ ଗର୍ବ-ଅହଂକାର-ହିଂସା ନ ରଖି ଉଦାରଭାବ ରଖିବା, ନିଜକୁ ଭଲପାଇବା ସହ ଅନ୍ୟଙ୍କୁ ବି ଭଲପାଇବା ଦେବା, ମୁହଁରେ ସର୍ବଦା ହସହସ ଭାବ ରଖିବା, ନିଜର ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା, ମନରେ ସବୁବେଳେ କିଛି ନୂଆ ଶିଖିବାର ଆଗ୍ରହ ରଖିବା, ସୁଶିକ୍ଷା ଦେଉଥିବା ବହି ପଢ଼ିବାର ଅଭ୍ୟାସ ଜାରି ରଖିବା, ତା'ସହ ବୁଝିବିଚାରି ସବୁକଥାର ନିଷ୍ପତ୍ତି ନେବା ଇତ୍ୟାଦି। ଏହିସବୁ ଅଭ୍ୟାସକୁ ଯଦି ଜଣେ ବ୍ୟକ୍ତି କେବଳ ନୂଆବର୍ଷ ପାଇଁ ନୁହେଁ ଜୀବନସାରା ମାନନ୍ତି, ତା'ହେଲେ ଜୀବନ ସୁଖମୟ ହେବ।

## ପାଠକୀୟ

* ସାରା ବିଶ୍ୱରେ ତୈଳ ଚିକିତ୍ସାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ଲୋକପ୍ରିୟତା କିଛି କମ୍ ନୁହେଁ। ଓଡ଼ିଶାରେ ଥିବା କିଛି ସ୍ୱତନ୍ତ୍ର ତୈଳ ଚିକିତ୍ସାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତୈଳ ଚିକିତ୍ସା' ଏକ ନିଆରା ଆଲେଖ୍ୟ ଥିଲା। '୭ଟି ଦୌଡୁଥିବା ଘୋଡ଼ାର ଚିତ୍ର ଥିଲେ', 'ଶୀତରେ ଏମିତି ରହିବେ ଫିଟ୍' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପ୍ରୀତମ୍ ସ୍ୱାଇଁ, ମୟୂରଭଞ୍ଜ*

* ସାଧାରଣତଃ ସମସ୍ତେ ଜାଣନ୍ତି ଯେ, ତେଲ ବା ତୈଳ କେଶ ଓ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏହା କେବଳ ସୌନ୍ଦର୍ଯ୍ୟ ବଢ଼ାଏ ନାହିଁ ବରଂ ଏହା ଶରୀରକୁ ସୁସ୍ଥ ରଖିବା ସହ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିଥାଏ, ଯେଉଁଥିପାଇଁ କେଉଁ ପୁରୁଣାକାଳରୁ ଆଜିଯାଏ ତୈଳ ଚିକିତ୍ସା ବେଶ୍ ଲୋକପ୍ରିୟ ହୋଇ ରହିଛି। ତେଣୁ ତୈଳ ଚିକିତ୍ସାର ବିଭିନ୍ନ ମହତ୍ତ୍ୱକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ଅଜବ ଓ୍ୱିଣ୍ଟର କ୍ୟାପ୍' ପାଠଟି ସତରେ ବେଶ୍ ଅଜବ ଥିଲା।

*– ସଂଯୁକ୍ତା ପୃଷ୍ଟି, ଚକ୍ରତୀର୍ଥ ରୋଡ୍, ପୁରୀ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ମନରେ ସର୍ବଦା ଶିଖର ଛୁଇଁବାର ନିଶା ରଖୁଥିବା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଗୋଟେ ହଜିଯାଇଥିବା ରାତିର କାହାଣୀ' ଶୀର୍ଷକ ଗପ ଏବଂ 'ତଥାପି ତଥାଗତ', 'ଶୀତର ୩ଟି ସ୍କେଚ୍' ଶୀର୍ଷକ କବିତା ଦୁଇଟି ବେଶ୍ ମନଛୁଆଁ ଥିଲା।

*–ଗୀତାଞ୍ଜଳି ଦାଶ, ସମ୍ବଲପୁର*

* ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନୃସିଂହ ଷଡ଼ଙ୍ଗୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଭରା ଲାଗୁଥିଲା। 'ତସ୍ଲିମା ଓ ରୁଦ୍ର ; ପ୍ରେମ-ବିବାହ-ବିଚ୍ଛେଦ' ଶୀର୍ଷକ ପାଠଟି ସତରେ ବେଶ୍ ନିଆରା ଥିଲା ପଢ଼ିବାକୁ। ମଡେଲ ମିରର୍‌ରେ ପ୍ରିୟଙ୍କା ଖୁବ୍ ସୁନ୍ଦରୀ ଲାଗୁଥିଲେ।

*– ସନ୍ତୋଷ ଦାସ, ରସୁଲଗଡ଼, ଭୁବନେଶ୍ୱର*

* ଐତିହାସିକ ପର୍ଯ୍ୟଟନସ୍ଥଳୀ ବାଡ଼ମେର୍ ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କଦଳୀର ଆକାର ବଙ୍କା କାହିଁକି' ଓ 'ଟ୍ରାଇପଡ୍ ଫିଶ୍' ଶୀର୍ଷକ ଲେଖା ଦୁଇଟି ଯେତିକି ମଜାଦାର ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା। ଅନ୍ୟପକ୍ଷେ ବ୍ୟଙ୍ଗ ସ୍ତମ୍ଭରେ ସ୍ଥାନିତ 'ଫରଓ୍ୱାର୍ଡ ପ୍ରେମ' ଶୀର୍ଷକ ଆଲେଖ୍ୟଟି ବି ତଥ୍ୟପୂର୍ଣ୍ଣ ହେବା ସହ ପ୍ରେରଣାଦାୟୀ ଥିଲା।

*– ରୂପାଲୀ ଚିନାରା, ଆଳି, କେନ୍ଦ୍ରାପଡ଼ା*

## ବିଶେଷ ଚିଠି




ଏଥର ଛୁଟିଦିନ ପ୍ରଚ୍ଛଦରେ ଥିଲା
ତୈଳ ଚିକିତ୍ସା,
ଲାଗୁଥିଲା ଭାରି ନିଆରା
ପାଉଥିଲା ସମସ୍ତଙ୍କର ଶୁଭେଚ୍ଛା।
ତା'ସାଙ୍ଗକୁ ପୁଣି ଥିଲା
ସାଥୀ, ସିନେମା ଓ ସହର,
ଆହୁରି ନିଆରା ଲାଗୁଥିଲା
ତୁମ ପ୍ରଥମ ରୋଜଗାର।
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରୁଛି ନିତି ମୋର ଏହି ମନ।

*– ରଶ୍ମିରେଖା ପାଇକରାୟ, ନିଆଳି*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ଧରିତ୍ରୀ
DHARITRI

December 31, 2023 -January 6, 2024 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ



# ନୂଆବର୍ଷ ଓ ମୋ ପିଲାଦିନ

ନୂଆବର୍ଷ ! ସେ ନାଁରେ ହିଁ ଥାଏ ଗୋଟେ ମିଠାପଣ। ଗୋଟେ ଆକର୍ଷଣ। ଗୋଟେ ଅପେକ୍ଷା। ଅପେକ୍ଷାର ଶେଷରେ ଆସେ ନୂଆବର୍ଷର ପ୍ରଥମ ଦିନ। ସମସ୍ତେ ନିଜ ହିସାବରେ ଖୁସିରେ ମନାଇବାକୁ ଚାହାନ୍ତି ସେଦିନ। ଯିଏ ଯେମିତି ନୂଆବର୍ଷ ପାଳନ କରନ୍ତୁ, ହେଲେ ପିଲାଦିନର ନୂଆବର୍ଷ ସ୍ମୃତି କିନ୍ତୁ ସବୁବେଳେ ସମସ୍ତଙ୍କ ମନରେ ତାଜା ହୋଇ ରହିଥାଏ...

ପ୍ରଚ୍ଛଦ ପ୍ରସଙ୍ଗ
୪



# ନୂଆବର୍ଷ ଓ ମୋ ପିଲାଦିନ

ନୂଆବର୍ଷ ! ସେ ନାଁରେ ହିଁ ଥାଏ ଗୋଟେ ମିଠାପଣ। ଗୋଟେ ଆକର୍ଷଣ। ଗୋଟେ ଅପେକ୍ଷା। ଅପେକ୍ଷାର ଶେଷରେ ଆସେ ନୂଆବର୍ଷର ପ୍ରଥମ ଦିନ। ଅନେକ କଳ୍ପନା ଜଳ୍ପନାର ଦିନ। ସମସ୍ତେ ନିଜ ହିସାବରେ ଖୁସିରେ ମନାଇବାକୁ ଚାହାନ୍ତି ସେଦିନ। ମନାନ୍ତି ବି । ଯିଏ ଯେମିତି ନୂଆବର୍ଷ ପାଳନ କରନ୍ତୁ, ହେଲେ ପିଲାଦିନର ନୂଆବର୍ଷ ସ୍ମୃତି କିନ୍ତୁ ସବୁବେଳେ ସମସ୍ତଙ୍କ ମନରେ ତାଜା ହୋଇ ରହିଥାଏ। ଏଥରର ପ୍ରଚ୍ଛଦରେ ପିଲାଦିନର ସେଇ ନୂଆବର୍ଷର ସ୍ମୃତିରୁ କିଛି...

## ନୂଆବର୍ଷ ଓ ଜନ୍ମଦିନ ଗୋଟେଦିନ ବୋଲି ମନ ଦୁଃଖ କରୁଥିଲି:

*– ଡା. ମଞ୍ଜୁବାଳା ପଣ୍ଡା(ଡାକ୍ତର ଓ ଲେଖିକା)*

ଆନ୍ଧ୍ରପ୍ରଦେଶର ମଞ୍ଜୁଷା (ବିଚ୍ଛିନ୍ନାଞ୍ଚଳ) ହାଇସ୍କୁଲରେ ମୋ ନନା ସଂସ୍କୃତ ପଣ୍ଡିତ ଥିଲେ। ଷାଠିଏ ଦଶକ ଆରମ୍ଭରେ ଭାଇନା ଯେତେବେଳେ ରାଉରକେଲାରେ ଚାକିରି ପାଇଲେ, ବୋଉ ସହିତ ଆମେ ସବୁ ଭାଇଭଉଣୀ ସେଠାକୁ ଆସିଗଲୁ– ଓଡ଼ିଆରେ ଭଲଭାବେ ପଢିପାରିବୁ ବୋଲି। ସେତେବେଳେ ରାଉରକେଲା ଓଡ଼ିଶାରେ ସବୁଠାରୁ ଉନ୍ନତ ସହର। ଡିସେମ୍ବରର ହାଡ଼ଭଙ୍ଗା ଶୀତକୁ ମାତ୍ ଦେଇ ନୂଆବର୍ଷର ଉନ୍ମାଦନା ସଭିଙ୍କ ମନରେ ବେଶ୍ ଉଷ୍ମତା ଆଣୁଥିଲା। ସେତେବେଳେ ଏମିତି କୁହାଯାଉଥିଲା ଯେ, ବର୍ଷର ପ୍ରଥମ ଦିନ ଯାହା ଯେମିତି କରିବ, ତମାମ୍ ବର୍ଷ ସେଇ ଧାରା ଅବ୍ୟାହତ ରହିବ। ଏତକ କଥା ଏକ ଆପ୍ତବାକ୍ୟ ଭଳି ଆମ ପିଲାମନ ଭିତରେ ଖୋଦେଇ ଦିଆଯାଇଥିଲା। ତେଣୁ ଜାନୁୟାରୀ ପହିଲା ଦିନ ସକାଳୁ ଶେଯରୁ ଉଠିବାଠୁ ନେଇ ରାତି ବିଛଣାକୁ ଯିବା ଯାଏ ଆମ ଦିନଚର୍ଯ୍ୟା ଶୃଙ୍ଖଳିତ ଢଙ୍ଗରେ କଟୁଥିଲା। ସେଦିନ ଯଦି ଆଇଁଷବାର ହୋଇଥିବ ତ ମାଂସଝୋଳର ବାସ୍ନା ପ୍ରାୟ ପ୍ରତ୍ୟେକଙ୍କ ଘରୁ ଆସୁଥିଲା। ବେଳେବେଳେ ବନ୍ଧୁବାନ୍ଧବଙ୍କ ସହ ବଣଭୋଜି ବି ଆୟୋଜନ ହେଉଥିଲା। ଅଷ୍ଟମ ଶ୍ରେଣୀ ଅର୍ଥାତ୍ ହାଇସ୍କୁଲ୍ ମାଡିବାପରେ ନୂଆବର୍ଷ ପାଳନ ନିଆରା ହେଲା। ସେ ବେଳକୁ ଦେହ, ମନରେ ନୂଆ ଛୁଆଁ, ନୂଆ ପୁଲକ। ସେ ଦିନ ଗୁଡ଼ିକରେ ଆଜିକାଲି ଭଳି ପୁଅ ଝିଅ ଖୋଲାମେଲା ମିଳାମିଶା କରୁ ନ ଥିଲେ। ବିଶେଷତଃ ଆମ ଝିଅଙ୍କ ପାଇଁ ହଜାରେ ନିୟମ କାନୁନ। ଯେଉଁଠି ବାରଣ, ସେଇଠି ଜାଣ ବେଶି ଉଚ୍ଚାଟନ। ନୂଆବର୍ଷ ଦିନ ଏ କଟକଣା ସାମାନ୍ୟ ହୁଗୁଳା ହୁଏ। ଓହୋ, ବୋଧେ ମାସେ ଆଗରୁ ଉତ୍କଣ୍ଠିତ ହୋଇ ଆମେ ଅପେକ୍ଷା କରୁଥିଲୁ ସାଙ୍ଗମାନଙ୍କୁ ଆଖି ତଳକୁ କରି, ଲାଜ ଲାଜ ହେଇ 'ହାପି ନିଉ ଇୟର୍'କହିବା ପାଇଁ। ହସ, ଖୁସି, ନାଚ, ଗୀତ, ମଉଜ ମଜଲିସ୍‌ରେ ସେ ଦିନଟି କଟୁଥିଲା।

ମେଡିକାଲ୍ ପଢ଼ିବାବେଳେ ସାଙ୍ଗମାନଙ୍କ ସହ ଘନିଷ୍ଠତା, ଅନ୍ତରଙ୍ଗତା ଓ ଆତ୍ମୀୟତା ପ୍ରବଳ ହେଲା। ନୂଆବର୍ଷରେ ଆମେ ପରସ୍ପରକୁ ଗ୍ରିଟିଙ୍ଗ୍‌ସ କାର୍ଡ ମାଧ୍ୟମରେ ଶୁଭେଚ୍ଛା ଜଣାଉଥିଲୁ। ପଇସା ସଞ୍ଚି ସଞ୍ଚି ଆମେ କାର୍ଡ୍ କିଣୁଥିଲୁ। ତା' ଦେହରେ କେଞ୍ଚି କେଞ୍ଚି ଲେଖୁଥିଲୁ ସ୍ନେହ ଜରଜର, ଭାବ ସରସର ମେଞ୍ଚାଏ ଶବ୍ଦ। ନୂଆବର୍ଷ ଓ ମୋ ଜନ୍ମଦିନ ଏକାଦିନରେ ପଡ଼େ ବୋଲି ସାଙ୍ଗମାନେ ସ୍ୱାଭାବିକ ରୂପେ ଗୋଟିଏ କାର୍ଡରେ କାମ ଚଳେଇ ନିଅନ୍ତି ବୋଲି ମୋ ମନ ସେଥିପାଇଁ ଭାରି କଷ୍ଟ ହୁଏ। ଭାବେ – କାଇଁ ଜନ୍ମ ନ ହେଲି ଦିନେ ପରେ ! ନୂଆବର୍ଷ ଦିନ ମେସ୍‌ରେ ନନା ସ୍ୱତନ୍ତ୍ର ସୁଖାଦ୍ୟ ସାଙ୍ଗକୁ ମିଠା ଆଇଟମ୍ କିଛି ତିଆରି କରୁଥିଲେ। କମନ୍ ରୁମ୍‌ରେ ହଷ୍ଟେଲର ସମସ୍ତେ ମଧ୍ୟରାତ୍ରି ଯାଏ ଖଟି କରୁଥିଲୁ। ଠିକ୍ ବାରଟା ବେଳେ 'ହାପି ନିଉ ଇୟର୍' କହି ପରସ୍ପରକୁ କୋଳାଗ୍ରତ କରିବା ମନେପଡ଼ିଲେ ଏବେ ବି ଆଖିରେ ଲୁହ ଆସିଯାଏ। ଭାରି କୋମଳ ଓ ସଜ୍ଜଳ ଏ ସ୍ମୃତି ସବୁ ସତରେ !

## ସଂକଳ୍ପର ଦିନ ଥିଲା ନୂଆବର୍ଷ:

*–ଶୁଭେନ୍ଦୁ ମହାନ୍ତି(ଦୂରଦର୍ଶନ ଉପସ୍ଥାପକ ଓ ଶିକ୍ଷାବିତ୍)*

ମୋ ପିଲାବେଳେ ନୂଆବର୍ଷ ଥିଲା ସତରେ ଗୋଟେ ଅପେକ୍ଷାର ଦିନ। ମୋ ବାପା ଗିରିଧାରୀ ମହାନ୍ତି ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଥିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ କଟିଛି ମୋ ପିଲାବେଳ। ଯାହାର ସ୍ମୃତିସବୁ ଏବେବି ମୋ ମନରେ ଘର କରି ରହିଯାଇଛି। ଆମ ଗାଁ ହେଲା ଯାଜପୁରର ଯଖପୁରା । କିନ୍ତୁ ବାପାଙ୍କ ଚାକିରି ହେତୁ ଯାଜପୁରର ବ୍ରାହ୍ମଣ ନରସିଂହପୁର ସ୍କୁଲରେ ମୋର ପଞ୍ଚମ ଯାଏ ପାଠପଢ଼ା। ନୂଆବର୍ଷ ଦିନ ଆମ ସ୍କୁଲ ହେଡ ମାଷ୍ଟରଙ୍କ ନିର୍ଦ୍ଦେଶ ଥିଲା ଆମେ ସମସ୍ତେ ଗାଧୋଇପାଧୋଇ ସକାଳ ୬ଟା ସୁଦ୍ଧା ସ୍କୁଲରେ ପହଞ୍ଚିବୁ। ସେଦିନ ବୋଉ ଗ୍ରାମଦେବତୀଙ୍କ ପାଖରୁ ଗରାରେ ପାଣି ଆଣି ସେଥିରେ କର୍ପୂର ପକାଏ। ଆମେ ସେଇଥିରେ ଗାଧେଇଥାଉ। ସ୍କୁଲରେ ପହଞ୍ଚିବା ପରେ ପ୍ରଥମେ ଗାୟତ୍ରୀ ମନ୍ତ୍ର ଓ ପରେ ଅନ୍ୟ ଦେବୀଦେବତାଙ୍କ ପାଖରେ ଦେଶ ଓ ସମାଜର ମଙ୍ଗଳ ପାଇଁ ମନ୍ତ୍ରପାଠ ହୁଏ। ପ୍ରାର୍ଥନା ପରେ ସ୍ଥାନୀୟ ମନ୍ଦିରରୁ ଖୁବ୍ ସୁସ୍ୱାଦୁ ବାଳଭୋଗ ଆସେ ଆମ ପାଇଁ, ଯାହାର ସ୍ୱାଦ ମୁଁ ଏବେ ବି ଭୁଲିନି। ପରେ ମିଟିଂ ହୁଏ। ଯେଉଁଠିକୁ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ନିମନ୍ତ୍ରିତ ହୋଇ ଆସିଥାନ୍ତି। ଆଲୋଚନାର ବିଷୟ ଥାଏ ଆମେ ଦେଶ ଓ ସମାଜ ପାଇଁ କିଛି କରିବା। ତା'ର ଅର୍ଥ ଆମେ ସେତେବେଳେ କିଛି ବୁଝୁ ନ ଥିଲୁ। ତେଣୁ ଆମକୁ କୁହାଯାଏ 'ତମେ ନିଜେ ଆଗ ଠିକ୍ ହୁଅ ଓ ନିଜକୁ ସଶକ୍ତ କର'। ସଭାପରେ ହେଡମାଷ୍ଟରଙ୍କ ତରଫରୁ ଭୋଜି ହୁଏ। ଆଉ ଭୋଜି ଖାଇ ସାଢେ ବାରଟା ଗୋଟେ ବେଳକୁ ଆମେ ଘରକୁ ଫେରିଆସୁ। ତା'ପରେ ମୋର ଷଷ୍ଠ ଶ୍ରେଣୀରେ ସୋନପୁର ମହାରାଜା ହାଇସ୍କୁଲରେ ଆଡମିଶନ ହେଲା। ଏଇଠି ମୋର ଷଷ୍ଠ ଓ ସପ୍ତମ। ଏହା ସେହି ସମୟର କଥା ଯେତେବେଳେ ଶାସ୍ତ୍ରିଜୀ ପ୍ରଧାନମନ୍ତ୍ରୀ ଥିଲେ। ଏହି ସ୍କୁଲର ନିୟମ ଥିଲା ନୂଆବର୍ଷ ଦିନ ସକାଳ ୯ଟା ସୁଦ୍ଧା କିଛି ଫୁଲ ନେଇ ସ୍କୁଲକୁ ଯିବୁ। ସେହି ଫୁଲରେ ପୁଷ୍ପମାଲ୍ୟ ହୋଇ ସ୍କୁଲରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଅର୍ପଣ କରାଯିବ। ସିନିୟର ପିଲାମାନେ କୋରସ୍ ଓ ଦେଶାତ୍ମବୋଧକ ସଙ୍ଗୀତ ଗାଆନ୍ତି। ତା'ପରେ ଆମକୁ ଶପଥ ଦିଆଯାଏ ଯେ, 'ଆବଶ୍ୟକ ପଡ଼ିଲେ ଦେଶ ପାଇଁ ରକ୍ତ ଦେବ'। ଯାହା ଥିଲା ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ଲୋଗାନ। ଏହାପରେ ମିଷ୍ଟାନ୍ନ ବଣ୍ଟାଯାଏ। ଏହି ସ୍କୁଲ ପରେ ମୁଁ ଗଲି ଟାଉନ ହାଇସ୍କୁଲ ବାଲେଶ୍ୱର। →




ଡା. ମଞ୍ଜୁବାଳା ପଣ୍ଡା


ପବିତ୍ର ମୋହନ ଦାଶ


ଶୁଭେନ୍ଦୁ ମହାନ୍ତି


କନକ ମଞ୍ଜରୀ ସାହୁ


ଭାସ୍ୱତୀ ବସୁ

ଏଠାରେ ମୋର ଅଷ୍ଟମ ଓ ନବମ। ଏହି ସ୍କୁଲରେ ପ୍ରତ୍ୟେକ ନୂଆବର୍ଷରେ ବସ୍‌ରେ ଏକ ନୂଆ ଜାଗାକୁ ଯାଉ। ଏଠାରେ ନୂଆବର୍ଷ ଅର୍ଥାତ୍ ନୂଆ ଜାଗାରେ ପିକ୍‌ନିକ୍। ତା'ପରେ କଟକ ପୋଲିସ ହାଇସ୍କୁଲକୁ ଆସିଲି। ଆମର ହେଡମାଷ୍ଟର ଥିଲେ ବିଶିଷ୍ଟ ଗଣିତଜ୍ଞ ନାରାୟଣ ପତି। ଏଠାରେ ନୂଆବର୍ଷ ଦିନ ସକାଳ ୬.୩୦ ସୁଦ୍ଧା ଆମେ ବକ୍ସିବଜାର ପୋଲିସ ଲାଇନ ବରଗଛ ତଳେ ପହଞ୍ଚି ଯାଉଥିଲୁ। ହେଡ ମାଷ୍ଟର ବସ୍‌ରେ ବସି ଆସୁଥିଲେ ଓ ଆମମାନଙ୍କୁ ସାଙ୍ଗରେ ସ୍କୁଲ ନେଇକି ଯାଉଥିଲେ। ତେଣୁ ବସ୍ ଭିତରେ ଆମେ ଆଉ କିଛି ବଦମାସୀ କରିପାରୁ ନ ଥିଲୁ। ସ୍କୁଲରେ ଗୋଟେ ଷ୍ଟେଜ୍ ଥାଏ। ସେଠାରେ ସେଦିନ ପିଲାଙ୍କ ଦ୍ୱାରା ଗୀତିନାଟ୍ୟ ପରିବେଷଣ ହୁଏ। ଯାହାର ପ୍ରାକ୍ଟିସ୍ ଆମେ ୭-୮ ଦିନ ପୂର୍ବରୁ କରୁଥାଉ। ଏହାପରେ ଖାଇବା ପିଇବା ହୁଏ। ଶେଷରେ ପୁଣି ସାର୍ ବସ୍‌ରେ ସବୁ ପିଲାଙ୍କୁ ଆଣି ଘରେ ଛାଡ଼ନ୍ତି। ଏଠାରେ ଦଶମ ଏକାଦଶ ସରିଲା। ଯା ଭିତରେ ବାପାଙ୍କ ଟ୍ରାନ୍ସଫର ବ୍ରହ୍ମପୁରକୁ ହେଇଯାଏ। ଆଉ ମୁଁ ରେଭେନ୍ସା କଲେଜ ଯାଏ ପଢିବାକୁ। ତେଣୁ ମୋ ପିଲାବେଳେ ନୂଆବର୍ଷ କହିଲେ କେବଳ ହସଖୁସି ମଉଜମସ୍ତି ନ ଥିଲା ବରଂ ଥିଲା ଏକ ଶୁଭ ସଂକଳ୍ପର ଦିନ।

**ବୋଉ ହାତର ପିଠାପଣା ଓ ମିଠା ପଲାଉକୁ ଏବେ ବି ଝୁରି ହୁଏ :**

*—କନକ ମଞ୍ଜରୀ ସାହୁ (ଲେଖିକା ଓ ଅନୁବାଦିକା)*

ମୋର ପିଲାଦିନ ଗାଁରେ କଟିଥିଲା। ଆମ ଗାଁ ଯାଜପୁର ଜିଲାର ପାଣିକୋଇଲିରୁ କୁଆଖିଆ ମଧରେ ୫ ନମ୍ବର ଜାତୀୟ ରାଜପଥ କଡ଼ର ଖରସ୍ରୋତା ନଦୀକୂଳରେ ଅବସ୍ଥିତ। ଗାଁର ନାଁ ମଳପଡ଼ା। ମୁଁ ସେଇ ଗାଁରେ ଶିଶୁଶ୍ରେଣୀରୁ ସପ୍ତମ ଶ୍ରେଣୀଯାଏ ପାଠ ପଢ଼ିଛି। ଘରେ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ ହୁଏ। ବିଶେଷ ଭାବେ ଶୀତ ଛୁଟିଟା ମୋତେ ବହୁତ ଭଲ ଲାଗେ। ଏହି ସମୟରେ ଗାଁ ଚାରିପଟେ ପାଚିଲା ଦୋହଲୁଥିବା ଧାନ କ୍ଷେତର ବାସ୍ନା ଓ ହଳଦୀ ରଙ୍ଗର ଫୁଲରେଭରା ସୋରିଷ କ୍ଷେତରେ ସାଙ୍ଗମାନଙ୍କ ସହିତ ବୁଲାବୁଲି ମନକୁ ପୂରା ଖୁସି କରିଦିଏ। ଏହି ଛୁଟିରେ ମୁଖ୍ୟ ଆକର୍ଷଣ ଥାଏ ବଡ଼ଦିନ ଏବଂ ନୂଆବର୍ଷ। ଆମ ଗାଁ ପାଖରେ ଖ୍ରୀଷ୍ଟିଆନ୍‌ପଡ଼ା ବୋଲି ଗାଁଟିଏ ଥିବାରୁ ଆମେ ବି ବଡ଼ଦିନଟିକୁ ପାଳୁ। ଏହି ଦୁଇ ଦିନ ଆମ ଗାଁ ଉତ୍ସବମୁଖର ହୋଇଯାଏ। ଆଜିକାଲି ଭଳି ସେତେବେଳେ ଜିରୋ ନାଇଟ୍ ସେଲିବ୍ରେଶନ ନ ଥିଲା। ତେଣୁ ୩୧ ତାରିଖ ରାତିରେ ଶୀତଦିନ ହୋଇଥିବାରୁ ଗାଁ ଲୋକେ ଜଲ୍‌ଦି ଖାଇପିଇ ଶୋଇ ଯାଉଥିଲେ। ଜାନୁୟାରୀ ୧ରେ ନୂଆବର୍ଷ ଦିନ ଆମେ ସକାଳୁ ଉଠି ପଡୁଥିଲୁ। ତା' ପୂର୍ବରୁ ଆମେସବୁ ହାତରେ ଗ୍ରିଟିଙ୍ଗ୍‌ସ କାର୍ଡ କାଗଜରେ ତିଆରି କରି ବିଭିନ୍ନ ଫୁଲ, ପକ୍ଷୀ ଏବଂ ଅନ୍ୟାନ୍ୟ ଚିତ୍ରସବୁ ଆଙ୍କି ସାଙ୍ଗମାନେ ପରସ୍ପରକୁ ହାପି ନ୍ୟୁ ଇୟର ଲେଖି ବାଣ୍ଟୁଥିଲୁ। ସେଦିନ ବୋଉ ଘରେ ବିଭିନ୍ନ ପ୍ରକାର ପିଠାପଣା କରେ। ବିଶେଷଭାବେ ଖାଣ୍ଟି ଗୁଆଘିଅରେ କାଜୁକିସ୍‌ମିସ୍‌ଦିଆ ମିଠା ପଲାଉ ଏବଂ ଖାସିମାଂସ ତରକାରି ନିଶ୍ଚୟ ହେଉଥିଲା। ବୋଉ ହାତର ସେଇ ପଲାଉ ଏବଂ ମାଂସ ତରକାରିର ବାସ୍ନା ଏବଂ ସ୍ୱାଦ ଏବେ ବି ମୋ ମନରେ ବସା ବାନ୍ଧି ରହିଛି। ଆମେ ଝିଅ ସାଙ୍ଗମାନେ ଭଲ ଡ୍ରେସ୍ ପିନ୍ଧି ଗାଁ ବୁଲୁ, ମେଳି ହୋଇ ଗପ କରୁ ଏବଂ ବିଭିନ୍ନ ପ୍ରକାର ଖେଳ ଖେଳୁ। ସେଇ ପିଲାଦିନର ସ୍ମୃତି ସତରେ ନିଆରା, ଯାହା କେବେ ଭୁଲି ହୁଏନା।

**ସତରେ ନୂଆ ବୋଲି କିଛି ଅଛି :**

*—ପବିତ୍ର ମୋହନ ଦାଶ (ଲେଖକ ଓ ଅଧ୍ୟାପକ)*

ପିଲା ଦିନେ ଆମ ଗାଁ ଜମାରସୁଆଁରେ ନୂଆବର୍ଷ ପାଳନ ନ ଥିଲା । ଆସ୍ତେ ସହର ପରେ ଗାଁରେ ତା'ର ଯାଦୁ ଦେଖାଇବା ଆରମ୍ଭ କଲା ଜାନୁୟାରୀ ୧ ତାରିଖ । ଅଷ୍ଟମ ଶ୍ରେଣୀ ବେଳକୁ ଜାନୁୟାରୀ ପହିଲାରେ କେହି କେହି ଭୋଜି କରୁଥିବାର ଦେଖିଲି । ତେବେ ପାଠ ପଢ଼ିବାକୁ ପୁରୀ ଆସିବା ପରେ ନୂଆବର୍ଷର ଚମକ ଆଖିରେ ପଡ଼ିଲା । ଡିସେମ୍ବର ୩୧ ରାତି ବାରଟା ଯାଏ ଚାଲୁଥିବା ମଧ୍ୟରାତ୍ରି କବିତା ଆସରର ଥିଲା ଏକ କୁହୁକ ଆକର୍ଷଣ । ରାତି ୧୨ଟା ବାଜିବା ପରେ ସମସ୍ତେ ସମୁଦ୍ର କୂଳକୁ ଯାଇ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିବା ଥିଲା ଆନନ୍ଦଦାୟକ । ତେବେ ଇଂଲିଶ ନୂଆବର୍ଷ ଦିନ ଜଗନ୍ନାଥ ଦର୍ଶନ ପାଇଁ ଯେଉଁ ଭିଡ଼ ହୁଏ ତାହା ଆଶ୍ଚର୍ଯ୍ୟ ଲାଗେ । ଭୋଜି ମଉଜ ଦେଖି ଲାଗେ ଆମ ଲୋକଙ୍କୁ ଉତ୍ସବ ମନାଇବା ପାଇଁ ବାହାନା ଲୋଡ଼ା । ଏବେ ଏବେ ଲାଗେ ନୂଆ ବୋଲି ସତରେ କିଛି ଅଛି? ଅଖଣ୍ଡ ସମୟର ପ୍ରବାହ ଚାଲିଛି । ସବୁ ମୁହୂର୍ତ୍ତ ସବୁ କାଳ ପାଇଁ ଉପସ୍ଥିତ । ନୂଆ ପୁରୁଣା ସବୁ ଏକାକାର। କାଳର ମୁହଁରେ ନୂଆ ତାରିଖର ପୁଟ ଦେଇ ଆମେ ନୂଆ ବୋଲି କହୁଛୁ କି?

**ନୂଆବର୍ଷ ଥିଲା ଗୋଟେ ଉତ୍ସବ:** *—ଭାସ୍ୱତୀ ବସୁ (ଅଭିନେତ୍ରୀ)*

ନା, ଖୁବ୍ ଗୋଟେ ଆଡ଼ମ୍ବର ନ ଥିଲା, ହେଲେ ଉତ୍ସବ ଥିଲା, ଆନନ୍ଦ ଥିଲା। ଆମେ ଖ୍ରୀଷ୍ଟମାସ କହୁ ନ ଥିଲୁ, କହୁଥିଲୁ ଏକ୍ସମାସ ନ ହେଲେ ବଡ଼ଦିନ। ଡିସେମ୍ବର ୨୫ ତାରିଖରୁ ସ୍କୁଲ ଛୁଟି ହଉଥିଲା ଆଉ ଖୋଲୁଥିଲା ଜାନୁୟାରୀ ୨ରେ। ବଡ଼ଦିନ ଛୁଟି। ଆମ ପ୍ରସ୍ତୁତି କିନ୍ତୁ ଆରମ୍ଭ ହେଇଯାଉଥିଲା ଢେର ଆଗରୁ। ଉତ୍ସବର ପ୍ରସ୍ତୁତି। ସେତେବେଳେ ଗ୍ରିଟିଙ୍ଗ୍‌ସ କାର୍ଡର ଭାରି ଚଳଣି ଥିଲା। ଡିସେମ୍ବର ଆରମ୍ଭରୁ ଲାଗୁଥିଲା ଗ୍ରିଟିଙ୍ଗ୍‌ସ କାର୍ଡ ଦୋକାନ। ପଚିଶ ପଇସାରୁ ପାଞ୍ଚ ଟଙ୍କା ପର୍ଯ୍ୟନ୍ତ। ତା' ଠାରୁ ଅଧିକ ଦାମ୍ ଆମ କଳ୍ପନା ବାହାରେ ଥିଲା। ମୁଁ ନିଜେ ବି କାର୍ଡ ବନଉଥିଲି। ସେଥିରେ "Rose is red, sky is blue..."ଭଳି ଇଂଲିଶଠାରୁ ଆରମ୍ଭ କରି ''ଆକାଶରେ ଅଛି ତାରା, ଝରଣାରେ ଅଛି ପାଣି, ତତେ ଭୁଲିବିନି ବଉଳ ଲୋ ଏତିକି ଥା ତୁ ଜାଣି'' ଭଳି ପୁରା ଦେଶୀ କବିତା ଲେଖି ତାକୁ ଆହୁରି ନିଜତ୍ୱ ଦିଆ ଯାଉଥିଲା। ସାଣ୍ଟାକ୍ଲଜ କିଏ ଜାଣି ନ ଥିଲି, ଜିଙ୍ଗଲ ବେଲ୍ ଶୁଣି ନ ଥିଲି, ଗିଫ୍ଟ କେବେ ପାଇ ନ ଥିଲି। ହେଲେ ନୂଆବର୍ଷ ଦିନ ନୂଆ ଡାଏରି ମିଳି ଗଲେ ଭାରି ଖୁସି ହେଉଥିଲି। ସମସ୍ତେ ପାଉ ନ ଥିଲେ, ସରକାରୀ ଚାକିରିରେ ଥିବା ଲୋକେ ହିଁ ପ୍ରାୟତଃ ତାଙ୍କ ଛୁଆଙ୍କୁ ଡାଏରି ଆଣି ଦେଉଥିଲେ। ଯାହା ହାତରେ ଡାଏରି ସିଏ ମହାରାଜା। ବାବୁଜୀ କେବେ କେବେ ମତେ ବି ଆଣି ଦେଉଥିଲେ। ସେଥିରେ ଗ୍ରିଟିଙ୍ଗ୍‌ସ କାର୍ଡର ଆଗ ପୃଷ୍ଠା, ବିଭିନ୍ନ କାଗଜ କଟା ଛବି କିମ୍ବା ହାତ ଅଙ୍କା ଡିଜାଇନ କରୁଥିଲି। କିଛି ଦିନ ବଡ଼ମାନଙ୍କ ପରି ଲୁଚେଇକି ନିଜ ଦିନଚର୍ଯ୍ୟା ଓ ମନ କଥା ଲେଖୁଥିଲି। ମାସେ ଖଣ୍ଡେ ପରେ ତା ଆକର୍ଷଣ କମି ଯାଉଥିଲା। ମନ କଥା ସବୁରେ ଅଠା ମରା ହୋଇ ବାକି ପୃଷ୍ଠାରେ ଟିଉସନ ପାଠ ଲେଖା ଯାଉଥିଲା। ମୋ ପିଲାଦିନେ ଏଇ ସାତ ଦିନିଆ ଛୁଟି ଯେମିତି ଡେଣା ଲଗେଇ ଉଡ଼ି ଯାଉଥିଲା । ଆଉ ତା' ପରେ? ପୁଣି ଅପେକ୍ଷା ବର୍ଷ ଶେଷକୁ।

ସତରେ ନୂଆବର୍ଷ ସ୍ମୃତି ହିଁ ସେମିତି। ଜୀବନରେ ଯେତେ ନୂଆବର୍ଷକୁ ସ୍ୱାଗତ କର ପଛେ ପିଲାଦିନର ସ୍ମୃତି କିନ୍ତୁ ଗୋଟେ ମିଠା ଅନୁଭବ ହୋଇ ରହିଥାଏ ଜୀବନ ସାରା।

**—ରୋଜାଲିନ ମହାନ୍ତି**



# ସବୁକିଛି ପ୍ରଭୁଙ୍କ ପାଇଁ

**ଘ**ରେ ମା'ବାପା ଯେତେବେଳେ ହାରମୋନିଅମ୍ ବଜାଇ ଗୀତ ଗାଉଥିଲେ, ସେହି ଗୀତ ଶୁଣି ସେ ଖୁସି ହୋଇପଡୁଥିଲେ। ଧୀରେ ଧୀରେ ଗୀତ ଗାଇବା ଅଭ୍ୟାସ କଲେ। ଆଖପାଖ ଗାଁରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ଗାଇ ସମସ୍ତଙ୍କ ଠାରୁ ପ୍ରଶଂସା ପାଇଲେ। ସମୟକ୍ରମେ ଚାରିଆଡ଼େ ତାଙ୍କ ସୁମଧୁର କଣ୍ଠରୁ ଶୁଭିଲା– ''ନନ୍ଦିଘୋଷ ତୋର ଅଟକି ଗଲା ବଡ଼ଶଙ୍ଖଠାରେ...'', ''ଅଭଡ଼ା ମୁଠାଏ ମତେ ମିଳୁ ମହାବାହୁ...'', ''ଦେ'ରେ କାଳିଆ ଦେ' ତୋ ଛନ୍ଦାପାଦେ ଶରଣ ଦେ'', ଏମିତି ଏକାଧିକ ଲୋକପ୍ରିୟ ଭଜନରେ ସେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ସୁପରିଚିତ । ଏଥିପାଇଁ ତାଙ୍କ ପ୍ରତିଭାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ **ବସନ୍ତ କୁମାର ପାତ୍ର**। ଜନ୍ମ ତା୧୪।୧୨।୧୯୭୭ ମସିହାରେ। ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ନୂଆଗାଁ ବଡ଼ ରେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ସାରି, ରାଇରାମଚନ୍ଦ୍ର ପୁର ହାଇସ୍କୁଲରେ ୧୯୯୩ରେ ମାଟ୍ରିକ୍ ପାସ କଲେ। ଏହାପରେ ଖଇରା କଲେଜରେ ପଢ଼ିଲେ। ସେ କୁହନ୍ତି– ଆମେ ୩ ଭାଇ , ମୋର ଜଣେ ଭଉଣୀ। ଆମ ଘରେ ମୋ ବାପା ବୋଉ ସଂଗୀତ ସାଧନାରେ ହାରମୋନିଅମ୍ ବଜାଇ ଗୀତ ଗାଉଥିଲେ। ତାଙ୍କଠାରୁ ଗୀତ ଶୁଣୁଥାଉ। ସମୟକ୍ରମେ ମୁଁ ବି ଗୀତ ଗାଇବା ଅଭ୍ୟାସ କଲି। ଯେତେବେଳେ ହାଇସ୍କୁଲରେ ପଢୁଥିଲି, ସେହି ସମୟରେ ଥରେ ଆମ ଗାଁ ନିକଟ ଏକ ସ୍ଥାନରେ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲିଙ୍କର ଏକ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ହେଉଥାଏ। ଏହି କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲି। ସେଠାରେ ଅନ୍ୟ କଣ୍ଠଶିଳ୍ପୀ ଏବଂ ତବଲାବାଦକ ଶରତ ଚନ୍ଦ୍ର ବାରିକଙ୍କ ସହ ଭେଟ ହେଲା। ସେମାନଙ୍କ ଠିକଣା ସଂଗ୍ରହ କରି ରଖିଥିଲି। ଇତିମଧ୍ୟରେ ମୋର ସଂଗୀତ ପ୍ରତି ବହୁତ ଆଗ୍ରହ ବଢ଼ିଯାଇଥାଏ। ସେମିତି ଉପଯୁକ୍ତ ସୁଯୋଗ ଅପେକ୍ଷାରେ ଥାଏ। ୧୯୯୬ମସିହାର କଥା । କଲେଜରେ ପଢୁଥିବା ବେଳେ ଗାଁରୁ ଲୁଚି ଭୁବନେଶ୍ୱର ପଳାଇ ଆସିଥିଲି। ଏଠାରେ ଶରତ ବାରିକଙ୍କୁ ଭେଟ ହେଲି। ମୋ ଗୀତ ଗାଇବା ସମ୍ପର୍କରେ କହିଲି। ଯାହା ହେଉ, ସେ ମୋତେ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲିଙ୍କ ପାଖକୁ ନେଇ ମୋର ଗୀତ ଶୁଣାଇଥିଲେ। ସେମାନେ ମୋର ଗୀତ ଶୁଣି ଏକ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଭଜନ ଗାଇବାକୁ ସୁଯୋଗ ଦେଇଥିଲେ। ସେତେବେଳେ ପ୍ରଥମ କରି ଭଜନଟିଏ ଗାଇଥିଲି। ତା'ପରେ ସେମାନେ ମତେ ଗୁରୁ ଧନେଶ୍ୱର ଦାସଙ୍କ ପାଖରେ ରଖିବାର ବ୍ୟବସ୍ଥା କଲେ। ତାଙ୍କ ପାଖରେ ରହି ସଂଗୀତ ଶିକ୍ଷାର ସୁଯୋଗ ପାଇଲି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଥିବା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦେଇ ଭଜନ ଗାଇଲି। ୧୯୯୭ ମସିହାରେ ଦୂରଦର୍ଶନରେ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ''ଆମରି ଗୀତ ଆମରି ସ୍ୱର''ରେ ଭାଗ ନେଇ ବିଜୟୀ ହେଲି। ଏଥିପାଇଁ ଗୁରୁ ଧନେଶ୍ୱର ଦାସ, ଶରତ ବାରିକ ଏବଂ ଅରବିନ୍ଦ ମୁଦୁଲି ମୋତେ ବହୁତ ପ୍ରଶଂସା କଲେ। ସେଦିନ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଏବଂ ଗୁରୁଜନଙ୍କ ଆଶୀର୍ବାଦରୁ ସଂଗୀତରେ ଗୋଟିଏ ପରେ ଗୋଟିଏ ସଫଳତା ମିଳିଲା। ଥରେ ଅରବିନ୍ଦ ମୁଦୁଲିଙ୍କ ସହିତ ଆଲୋଚନାକରି ସୀତାରାମ ଅଗ୍ରୱାଲ ଏବଂ ନମିତା ଅଗ୍ରୱାଲଙ୍କ ସାର୍ଥକ ମ୍ୟୁଜିକ୍‌ରେ ପ୍ରଥମକରି ଭଜନ ଆଲ୍‌ବମରେ କଣ୍ଠଦାନ କରିଥିଲି।ସେତେବେଳେ ମହାବାହୁଙ୍କ ଭଜନ ଗାଇଥିଲି। ସେବେଠାରୁ ଆଉ ପଛକୁ କେବେ ଫେରିନି । ଏବେ ବିଭିନ୍ନ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ବିଚାରକ ଭାବରେ ଯୋଗ ଦେବା ସହ ଓଡ଼ିଶାର କଳା ସଂସ୍କୃତିର ବିକାଶ ଓ ନୂତନ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ ପ୍ରୟାସ କରିଥାଏ। ମୋର ପତ୍ନୀ ସ୍ୱାଗତିକା ପାତ୍ର, ଯିଏ ମିଲନ ପାଣିଗ୍ରାହୀ ଭାବେ ଓଡ଼ିଆ ସଂଗୀତ ଜଗତରେ ପରିଚିତ ଏଥିରେ ସହଯୋଗ କରିଥାନ୍ତି। ଏବେ ମୁଁ ଏକ ସଂଗୀତ ଶିକ୍ଷା ଏକାଡେମୀ କରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ସଂଗୀତ ଶିକ୍ଷା ଦେଉଅଛି।









ତେବେ ଷ୍ଟୁଡିଓରେ ହେଉ କିମ୍ବା ଷ୍ଟେଜ୍‌ରେ ହେଉ ଗୀତ ଗାଇବା ପୂର୍ବରୁ ମହାପ୍ରଭୁଙ୍କୁ ମୁଁ ମନେ ମନେ ସ୍ମରଣ କରେ। କାରଣ ମତେ ଲାଗେ ତାଙ୍କ ସୁମରଣାରେ ମୋର ସବୁ କିଛି ଶୁଭଙ୍କର ହୁଏ। ଆଉ ମୁଁ ଅନୁଭବ ବି କରିଛି ସେସବୁ ବେଳେ ମୋ ପାଖରେ ଥାଆନ୍ତି। ଏଇ ଯେମିତି ଥରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯିବି ବୋଲି ମନ ବଳାଇଥିଲି। କିନ୍ତୁ ସେତେବେଳେ ମହାପ୍ରଭୁ ଅଣସର ଘରେ ଥାଆନ୍ତି। ଭାବିଲି ଅଲାରନାଥଙ୍କ ଦର୍ଶନ ଯଦି ମିଳି ଯାଆନ୍ତା ବି ବହୁତ ଖୁସି ଲାଗନ୍ତା। ଆଶ୍ଚର୍ଯ୍ୟର କଥା ତା' ପରଦିନ ଏକ ଖବର ଆସିଲା, ମହାବାହୁ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ହେବ। ଏହି ଡାକରା ପାଇ ଆଖି ଛଳଛଳ ହୋଇଗଲା। ମନେମନେ କହି ହେଉଥାଏ, ପ୍ରଭୁ ତମର ଇଏ କି ଲୀଳା।' ସଙ୍ଗିତ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ।

– ବନବିହାରୀ ବେହେରା







# ନବବର୍ଷ....

ରଜତ ମହାନ୍ତି

ତୁମ ଆସିବାରେ
ଯେମିତି ସଜ୍ଜିତ
ପ୍ରତି ଅଧରରେ ହସ,
ତୁମ ଆସିବାରେ
ଯେମିତି ରଙ୍ଗୀନ
ଆଜି ପ୍ରତି ରାସ୍ତାଘାଟ,
ତୁମ ଆସିବାରେ
ଯେମିତି ଶୀତରେ
ମନ୍ଦମଳୟର ଛାପ,
ତୁମକୁ ମୋ ଅନୁରୋଧ
ନବବର୍ଷ
ସେମିତି ହିଁ ସବୁ ରହୁ
ଛୁଇଁବା ମାତ୍ରକେ
ପ୍ରଜାପତି ପରି
ଏ ସବୁ ଉଡିନଯାଉ ।

*-ବଳଗଣ୍ଡି, ପୁରୀ*
*ଫୋନ -୮୯୦୮୦୬୬୫୬୨*

# ଚା' ଅଧ୍ୟାୟ

ଦୀପ୍ତିମୟୀ ଶତପଥୀ

**କେ**ଇ ମିନିଟରେ ପ୍ରସ୍ତୁତ ହୋଇପାରୁଥିବା ଚା' ନାମକ ଏଇ ତରଳ ପଦାର୍ଥଟିର ପ୍ରଭାବ କୋଉ ମଉକାରେ ଆମ ଶିରା ପ୍ରଶିରାରେ ଏମିତି ଖେଳେଇଗଲା ଯେ ଆଉ ଯିବାର ନାଁ ଧରିଲାନି । କାହାର ଚର୍ଚ୍ଚାକୁ ନିନ୍ଦା କରିବାକୁ ହେଲେ ଆମ ପାଟିରୁ ବାହାରେ, ଚା' ଟିକେ ଯାଚିଲା କି ? କାହାର କାମ ଉପରେ ଟିପ୍ପଣୀ ଦବାର ଥିଲେ ଆମେ କହୁ, ତା' ହାତରୁ ଚା' ଟେ ପିଇହବନି । ଏଇ ଚା' ପାଇଁ ପାଢ଼ୀବାବୁଙ୍କ ଘରେ ନୂଆବର୍ଷଟାରେ ଅଶାନ୍ତି । ପତ୍ନୀ ରୁଦ୍ରାଣୀ ସକାଳୁ ଆଉ ଉଠିପାରନ୍ତିନି । ଅଣ୍ଟା ଯନ୍ତ୍ରଣା ପାଇଁ ଶୋଇରହନ୍ତି ଖରାପଡିବା ଯାଏ । ପାଢ଼ୀବାବୁଙ୍କ ଭୋରରୁ ନିଦ ଭାଙ୍ଗିଯାଏ । ଚା' ଟିକେ ପାଇଁ ବିଲେଇ ପରି ଏଘର ସେଘର ହୁଅନ୍ତି । ନୂଆବର୍ଷଟାରେ ନିଜେ ଚା' କରିବେ ଭାବିଲେ । ପାଣି ଗରମ କରୁ ନ ଥିବା ପାଢ଼ୀବାବୁ ପ୍ୟାନରେ କ୍ଷୀର ଢାଳିଲେ । ଚୁଲା ଲଗଉ ଲଗଉ କ୍ଷୀର ଫାଟିଗଲା । କ୍ଷୀରଗୁଣ୍ଡ ପାଇଲେନି । ମଧୁମେହ କାରଣରୁ ଅନେକ ମିଠାଜାତୀୟ ଦ୍ରବ୍ୟକୁ ଘରେ ବାରଣ । ନସରପସର ହେଇ ଦେବବାବୁଙ୍କ ଘର ଆଡ଼େ ବାହାରିଲେ ପାଢ଼ୀବାବୁ । ସେଠି 'ଭାଉଜଙ୍କ ହାତରେ ଅମୃତ', 'ସ୍ୱାଦରେ ଲକ୍ଷ୍ମୀ ହାରିଯିବେ', 'ପରଷା ଆଗରେ ଭୁବନ ମୋହିନୀ ଲାଜେଇ ଯିବେ'....ଏମିତି ଗଣ୍ଡାଏ ଡାଇଲଗ ଝାଡ଼ିଦେଲେ ଘଣ୍ଟାଏ ଗପ ଭିତରେ ଦି'ଥର ମସଲାବାଲା ଚା' ମିଳିଯିବ । ଚପଲ ଗଳେଇ ଗେଟ ଖୋଲିଲାବେଳକୁ ଝରକାପଟେ ରୁଦ୍ରମୂର୍ତ୍ତିଟିଏ ରଡି ଛାଡିଲା...'ଚୁପ୍ ହେଇ ଘରେ ବସ ।

ଯୁଆଡେ ଧପାଲିଚ କାଲି ରାତିରୁ ସେମାନେ ଘଟଗାଁ ବାହାରିଗଲେଣି । ତାଲା ଝୁଲୁଚି ତାଙ୍କର । .....ନାଇଁମ,ମୁଁ ବାବୁନା ଦୋକାନ ଆଡେ ଯାଉଚି । ......ସେ ବି ନାହିଁ । ଆଜିକାଲି ସମସ୍ତେ ଧର୍ମ-କର୍ମ ବଢ଼େଇଲେଣି । ପରିବାର ନେଇ ପୁରୀ ଯାଇଚି ଭୋରୁ ।

ତମ ପରି କିଏ ଅଛି ? କୁଆଡେ ଯିବନି କି ନବନି । ଘରୁ ବାହାରିଲେ କରୋନାଠୁ ଦୁର୍ଘଟଣା ସବୁ ଭୂତ ମାଡିବସିବେ ତମକୁ ।...ଆସ, ଚା' ବସଉଚି । ପାଦ ପଛକୁ ଫେରେଇଲେ ପାଢ଼ୀବାବୁ । ଘରେ ଥିବା ଲୋକକୁ କେତେ ଖବର ! ବାଧହୋଇ ଚିଡିଚିଡା ମସଲାଯୁକ୍ତ ଚା'କୁ ଅପେକ୍ଷାକରି ଜାକିଜୁକି ହେଇ ବସିଲେ । କହୁକହୁ କହି ପକେଇଲେ,ଚା' ଛାଡ଼ିଦେବି ଭାବୁଚି ।

.....ଆହାଃ ,ଏମିତି ? ? କରିବା ଶିଖୁନ, ଛାଡିବାକୁ କେତେଥର ପ୍ରତିଜ୍ଞା କରିକି ଭାଙ୍ଗିଲଣି ? କଥାର ଗତି ଦେଖି ୧ ତାରିଖଟିକୁ ସହିଗଲେ ପାଢ଼ୀବାବୁ । ଭୁଲରେ କ୍ଷୀର ଜାଗାରେ ଚହ୍ଲା ନେଇଥିଲେ ଶୁଣି ଆଉ ଯୁକ୍ତି କଲେନି, ମନେମନେ ଲଜ୍ଜିତ ହେଲେ । ଝିଅ ବାହାରେ ଚାକିରି କରିବା ଦିନଠୁ ପାଢ଼ୀବାବୁଙ୍କ ନିଜ ପକ୍ଷଟି ଦୁର୍ବଳ । ଆଗରୁ ଥାକୁଲୁମାକୁଲୁ ହେଇ କେତେଜଣ ଅବସରପ୍ରାପ୍ତ ଗଡୁଥିଲେ ପାଢ଼ୀବାବୁଙ୍କ ଘରକୁ । ରୁଦ୍ରାଣୀ ନାମକ ସ୍ତ୍ରୀ କାହା ପ୍ରଶଂସାରେ ଭଳିଯାଆନ୍ତିନି । ମୋ ଯୋଗ- ଧ୍ୟାନ, ଘରକାମ ଛାଡି ସବୁଦିନ ଏମାନଙ୍କୁ କିଏ ଆପ୍ୟାୟିତ କରିବ ? କୋଉ ଅଭାବୀ ଲୋକଗୁଡା ? ଚା' ଗୋଟେ ବାହାନା । କାହାର ନ ପିଇଲେ ମୁଣ୍ଡ ବିନ୍ଧୁଚି, କାହାର ଜୋସ ରହୁନି, ଚାରିଥର ନ ନେଲେ କାହାର ନିତ୍ୟକର୍ମ ପାଇଁ ଡାକରା ଆସୁନି...ବିଚିତ୍ର ଅଥଚ ଅତିମାତ୍ରାରେ ଗ୍ରହଣୀୟ । କେତେ ସତ ଆଉ କେତେ ପରିମାଣ ମାନସିକ ଭ୍ରାନ୍ତି । ଯିଏ ଅଭ୍ୟସ୍ତ ନୁହଁ,ତା'ର କିଛି ହୁଏନା । ଅଭ୍ୟସ୍ତ ନ ଥିବା ଲୋକ ଶହେରେ ଏକ । ଚା' ପିଉଥିବା ଲୋକର ଶତ୍ରୁ ବି ହଜାରରେ ଏକ । ସେଇ ଲୋକଜଣକ ରୁଦ୍ରାଣୀ । ଚା'ଠୁ ଦୂରେଇ ଯାଇପାରିଲେନି ପାଢ଼ୀବାବୁ । ପାଦଚିପି ରୋଷେଇଘରେ ପଶିଲେ । ଆଗରୁ ଚା' ଭଲ ପାଉଥିଲେ, ଏବେ ଶିଖିବାରେ ଆତ୍ମୀୟତା ଯୋଡିଲେ । ପ୍ରଥମଦିନ ପାଣିଚିଆ ଲାଗିଲା, ଦ୍ୱିତୀୟଦିନ ମିଠା ଅଧିକ,ତୃତୀୟଦିନ ଆୟୁର୍ବେଦିକ ଔଷଧପ୍ରାୟ କଷା, ଚତୁର୍ଥଦିନ ଚଳନୀୟ ହେଲା । ପଞ୍ଚମଦିନ ଭାଗମାପ ସବୁ ଠିକ୍ । ଗୁଜରାତି ଗୁଣ୍ଡ ଛିଞ୍ଚି ଆଘ୍ରାଣ କଲେ । ଏକା ପିଇବାକୁ ମନ ବଳିଲାନି । ଅଧା କପ୍ ରୁଦ୍ରାଣୀଙ୍କୁ ସମର୍ପିବେ ଭାବିଲେ । 'ମତେ ବି ତିଆରି ଆସେ'....ଏମିତି ପାରିବାପଣିଆଟେ ନେଇ କଅଁଳେଇ ଡାକିଲେ, 'ଟିକେ ଚାଖିଲ' । ରୁଦ୍ରାଣୀ ଆଶ୍ଚର୍ଯ୍ୟ ! କିନ୍ତୁ କାହିଁକି କେଜାଣି ହସିଦେଇ କପ୍‌ଟିକୁ ଧରିନେଲେ । ସାମ୍ନାରୁ ଖସିଯାଇଥିବା ଦାନ୍ତଟି ସହ ରୁଦ୍ରାଣୀ କାବ୍ୟନାୟିକା କଲ୍ଲୋଳିନୀ ପରି ପ୍ରତୀତ ହେଲେ । ସେଦିନ ଦି'ପହର ଖାଇବା ଥାଳିରେ ସବୁ ପାଢ଼ୀବାବୁଙ୍କ ପସନ୍ଦର ଖାଦ୍ୟ । କଖାରୁଢ଼ଙ୍କ ରାଇ,ମଞ୍ଜା ବଡା !! ପାଢ଼ୀବାବୁ ଭାବୁଥିଲେ, ଅଧା କପ୍ ଚା'ର ଏତେ ଶକ୍ତି !

-ବ୍ରହ୍ମପୁର,
ମୋ:୯୦୭୮୬୮୫୨୪୭



# ଧରିତ୍ରୀ ୨୦୨୪

## ଜାନୁୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଫେବୃୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

## ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |



ମଡେଲ: ହିରଣ୍ମୟୀ
ଫଟୋ ସୌଜନ୍ୟ: କୁମାର ଶରତ, ପଙ୍କଜ
ମେକଅପ: ପ୍ରିୟାଂଶୁ

୨୬.୧: ସାଧାରଣତନ୍ତ୍ର ଦିବସ, ୧୪.୨: ଶ୍ରୀପଞ୍ଚମୀ, ୨୬.୩: ହୋଲି, ୧୧.୪: ଇଦ୍-ଉଲ୍-ଫିତର, ୧୪.୪: ମହାବିଷୁବ ସଂକ୍ରାନ୍ତି, ୧୫.୬: ରଜ ସଂକ୍ରାନ୍ତି, ୭.୭: ରଥଯାତ୍ରା, ୧୫.୮: ସ୍ୱାଧୀନତା ଦିବସ, ୭.୯: ଗଣେଶ ଚତୁର୍ଥୀ, ୧୨.୧୦: ଦଶହରା, ୩୧.୧୦: ଦୀପାବଳି, ୨୩.୧୧: ପ୍ରଥମାଷ୍ଟମୀ, ୨୫.୧୨: ଖ୍ରୀଷ୍ଟମାସ୍

VAJIRAO IAS ACADEMY
BIITM
RUCHI FOODLINE — Since 1976 — Karlo Dosti Sehat Se.
FROZIT — "Time Ki Bachat, Eat Fresh Fatafat"
Essar Bakery
Green Chillyz Events & Catering
GUPTA DISTRIBUTORS — No.1 Retail Chain Stores — 28 STORES — ELECTRONICS, MOBILE, CAMERA, LAPTOP, HOME APPLIANCES & FURNITURE
HARSHPRIYA Group of Companies
SAI International School — CBSE + CAMBRIDGE Affiliated School; SAI International Residential School — CBSE Co-ed Boarding School
Alishan — men's exclusive since 1996 — Our Sister Concern — Manyavar — 621, Sahid Nagar, BBSR
Virat Group of Institutions
PIONEER — BATTERY - INVERTER - UPS - SOLAR - STABILIZER - FAN
homefills — trust of purity as mother & child
Dadhichi Educational Trust
PANDA TRAVEL MART
Gitanjali Awards
KIIT Higher Secondary School — +2 Science Campus — FULLY RESIDENTIAL — www.kiitsciencecollege.org
IBS — INSTITUTE OF BASIC SCIENCES — NEAR DURGAPUJA MANDAP, FATAK, SAMBALPUR
BHARAT MASALA — The Taste of New India
White Canvas — Events with intelligence
JAGANNATH HOSPITAL
SIKSHA 'O' ANUSANDHAN (DEEMED TO BE UNIVERSITY)
SMILE GOLD JEWELLERS
SPARSH HOSPITAL BHUBANESWAR
NARAYANI MOTORS PVT LTD
SAMBALPUR NURSING COLLEGE — At-ASA Academy, P.o. Jayantpur, Dist- Sambalpur-768112 (Odisha)
IGKC MULTISPECIALTY HOSPITAL BHUBANESWAR — 0674 6600-000 / +91 77520-49729

# ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା

**ପ୍ରଶ୍ନ**–ମୋ ମନର ରାଧିକା ସହଜରେ ଧରା ଦେଉନି। ସେ ମୋ ସହ ଖେଳୁଛି ନା ତା' ମନରେ ଆଉ କିଛି ଅଛି ?

*–ସରୋଜ କୁମାର, ବାଲେଶ୍ୱର*

**ଉତ୍ତର:** ପ୍ରେମରେ ଲୁଚକାଳି ଖେଳର ମଜା ନିଆରା। ଆପଣଙ୍କ ପ୍ରେମିକା ସହଜରେ ଧରା ଦେଉନି। ଅର୍ଥାତ୍, କେତେବେଳେ ନା କେତେବେଳେ ସାକ୍ଷାତ ହେଉଛି। ଏହି ପ୍ରେମର ଛାଇ ଆଲୁଅର ଖେଳର ମଜା ନିଅନ୍ତୁ ନା ! 'ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା'। ଏହାକୁ ଏତେ ସିରିୟସଲି ନ ନେବା ଭଲ। କାରଣ ପ୍ରେମର ଅସଲ ମଜା ଏହି ଲୁଚକାଳି ଖେଳରେ ହିଁ ରହିଛି। ଆମର ଦର୍ଶକାଦୃତ ଓଡ଼ିଆ ସିନେମାର ଗୀତଟିଏ ଅଛି– 'ଦେଲେ ଧରା କଥା ସରେ, ଥାଏ ମଜା ଦୂରେ ଦୂରେ..'।

**ପ୍ରଶ୍ନ**–ମୋ ପ୍ରେମିକା କଥା ମୁଁ ସବୁବେଳେ ଭାବୁଛି। ମୋର ଏହି ଭାବନା କେବେ ସତରେ ପରିଣତ ହେବ କହିବେ କି ସାଥୀ ?

*–ତନ୍ମୟ ପ୍ରଧାନ, ରାଉରକେଲା*

**ଉତ୍ତର:** ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। ତେଣୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନେ ମନେ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ଅମନ୍, ଖୋର୍ଦ୍ଧା*

**ଉତ୍ତର:**ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ? *–ପ୍ରକାଶ, ବଡବିଲ*

**ଉତ୍ତର:**ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ବୁଡ଼ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ? *–ପ୍ରଶାନ୍ତ ନାଥ, କଟକ*

**ଉତ୍ତର:**କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

ସାଥୀ



ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ମନ୍ଦିରରେ ଭୋଗ କରିଥିଲି



**ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡଃ କୁମୁଦିନୀ ରାଉତରାୟ ନିଜ ପ୍ରଥମ ରୋଜଗାର ସମ୍ପର୍କରେ କହନ୍ତି –**

**ସୁ**ନ୍ଦରଗଡ ସହରରେ ମୁଁ ମୋର ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିଥିଲି। ପରେ ୟୁନିଭର୍ସିଟିରେ ଭୁତତ୍ତ୍ୱ ବିଜ୍ଞାନ ବିଭାଗରେ ଏମଏସସି ପଢୁଥିବାବେଳେ ସୁନ୍ଦରଗଡ ଜିଲାର ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର ସୁପରଭାଇଜର ପଦବୀ ପାଇଁ ସାକ୍ଷାତକାର ଦେଇ ସେଥିରେ କୃତକାର୍ଯ୍ୟ ହେଲି। ଆଉ ସୁନ୍ଦରଗଡ ଜିଲାର ଲାଠିକଟା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଭାବେ କାର୍ଯ୍ୟରେ ଯୋଗ ଦେଲି । ପ୍ରଥମ ମାସ ପରେ ଯେତେବେଳେ ଦରମା ମିଳିଲା ଦରମା ଟଙ୍କା ଆଣି ବାପାଙ୍କୁ ଦେଇଥିଲି। ସେଥିରୁ କିଛି ଟଙ୍କା ନେଇ ମା' ସମଲେଶ୍ୱରୀଙ୍କ ନିକଟରେ ଭୋଗ କରିଥିଲି। ତା'ସହ ସେତେବେଳେ ଆମ ଘର ପାଖରେ ରହୁଥିବା ଜଣେ କୁମ୍ଭପଟିଆ ବାବା (ମହିମା ସନ୍ନ୍ୟାସୀ) ଯେ କି ଆମଘରକୁ ପ୍ରାୟତଃ ଆସୁଥିଲେ ତାଙ୍କୁ ଜ୍ୱର ହେଉଥିବାରୁ ଔଷଧ କିଣି ତାଙ୍କୁ ଦେଇଥିଲି। ପ୍ରଥମ ରୋଜଗାର ଟଙ୍କାରେ କିଛି ସାହାଯ୍ୟ କରି ପାରିଥିବାରୁ ମୋ ମନ ଆତ୍ମତୃପ୍ତିରେ ଭରିଯାଇଥିଲା। ତା'ପରେ ବାପାଙ୍କ ପାଖରେ ଥିବା ଦରମା ଟଙ୍କାରୁ କିଛି କିଛି ନେଇ ନିଜର ଆବଶ୍ୟକତା ମୁତାବକ ଖର୍ଚ୍ଚ କରିବା ସଙ୍ଗେ ସଙ୍ଗେ ଘର ଲୋକଙ୍କ ପାଇଁ କିଛି ଉପହାର କିଣିଥିଲି । ମୋର ପ୍ରଥମ ଚାକିରିର ପ୍ରଥମ ପାରିଶ୍ରମିକକୁ ମୁଁ ଏପରି ଭାବେ ଖର୍ଚ୍ଚ କରିଥିଲି। ପରବର୍ତ୍ତୀ ସମୟରେ ଓଡିଶା ସରକାରଙ୍କ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମୁଁ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅଧ୍ୟାପିକା ଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଯୋଗଦେଲି। ଏହାପରେ ଭୂତତ୍ତ୍ୱ ବିଜ୍ଞାନରେ ଗବେଷଣା କରି ପିଏଚଡି ଡିଗ୍ରୀ ପ୍ରାପ୍ତ କଲି। ଆଉ ସେହି ମହାବିଦ୍ୟାଳୟର ସ୍ନାତକୋତ୍ତର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଭାବେ କାର୍ଯ୍ୟ କରି ମହାବିଦ୍ୟାଳୟର ଛାତ୍ରୀ ନିବାସର ଅଧକ୍ଷା ଭାବେ ଛାତ୍ରୀମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଦେଇ ନିଜର ଦାୟିତ୍ୱ ବୋଧକୁ ସୂଚାରୁ ରୂପେ ସଂପାଦନ କଲି। ୨୦୨୨ ମସିହାରେ ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟରତ ରହିଛି । ଅଧକ୍ଷା ଭାବେ ନିଜ ଦାୟିତ୍ୱ ବୋଧକୁ ସୂଚାରୁରୂପେ ସଂପାଦନ କରିବା ସହ ମହାବିଦ୍ୟାଳୟରେ ପରିବେଶର ସୁରକ୍ଷା ଓ ଛାତ୍ରୀମାନଙ୍କର ସର୍ବାଙ୍ଗୀନ ଶୈକ୍ଷିକ ଅଭିବୃଦ୍ଧି ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରମାନେ କିପରି ନିଜକୁ ପ୍ରତିଷ୍ଠିତ କରି ଏକ ଉନ୍ନତ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବେ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇଛି । ବୃତ୍ତିଗତ ଜୀବନରେ ଅନେକ ଟଙ୍କା ରୋଜଗାର କରିଥିଲେ ମଧ୍ୟ ପହିଲି ରୋଜଗାରର ପୁଲକ ଏବେ ବି ମୋ ମନରେ ଉଜ୍ଜୀବିତ ହୋଇ ରହିଛି।

**–ଜୟନାରାୟଣ ମେଣ୍ଡୁଲି**



ଲୁବୁନ୍-ଅଙ୍କିତା

# ମୋ କାହାଣୀରେ ତୋରି ନାଁ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ମୋ କାହାଣୀରେ ତୋରି ନାଁ'। ତିତଲି ପ୍ରଡକ୍ସନ ଏବଂ ଏଲଟି ପ୍ରଡକ୍ସନ ବ୍ୟାନରରେ ଚିତ୍ରଟି ୨୦୨୪ ଜାନୁୟାରୀ ୫ରେ ପ୍ରଥମ ସିନେମା ଭାବରେ ପରଦା ଉପରକୁ ଆସିଛି। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର କୋରିଓଗ୍ରାଫର ଯୋଡି ଲୁବୁନ୍-ଟୁବୁନ୍। କେବଳ ସେତିକି ନୁହେଁ, ଲୁବୁନ୍ ଚିତ୍ରଟିର ନାୟକ ସାଜିଛନ୍ତି। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଅଙ୍କିତା ଦାଶ। ଫିଲ୍ମଟିର ସହ-ପ୍ରଯୋଜନା କରିଛନ୍ତି ତିତଲି ମହାନ୍ତି ଏବଂ ଦେବାଶିଷ ମହାନ୍ତି। ଏହାର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି ପ୍ରୀତିଶ ମହାନ୍ତି। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଳ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏଥିପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦିପ୍ତୀରେଖା ପାଢ଼ୀ, ଅର୍ପିତା ଚୌଧୁରୀ, ତାରିକ ଅଜିଜ, କ୍ରିଷ୍ଣା ବେଉରା ଏବଂ ଅଭିଜିତ ମଜୁମଦାର। ଏହାର ଅନ୍ୟାନ୍ୟ ଭୂମିକାରେ ପିଣ୍ଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସରୋଜ ଦାସ, ଧାରା ଶ୍ରାବଣୀ, ଗୁଣ୍ଡୁ, କାଳିଆ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବେ।

# କେବଳ ମଲ୍ଲାଇକାଙ୍କ ପାଇଁ..

ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ କ୍ୟାଟ୍ରିନା କୈଫ ମଡେଲିଂ ସହ ଜଡିତ ଥିଲେ। କିନ୍ତୁ ସେହି ସମୟର ଉତଥାନ-ପତ୍ତନ ଜୀବନ ଭିତରେ ତାଙ୍କୁ ଗୋଟିଏ କଥା ସାହା ହୋଇଥିଲା। ତାହା କ'ଣ ଜାଣନ୍ତି ? ମଲ୍ଲାଇକା ଆରୋରାଙ୍କ ଟିପ୍ସ। ଏ ନେଇ କ୍ୟାଟ୍ରିନା କହନ୍ତି, 'ଏକଦା ମୋର ମଲ୍ଲାଇକାଙ୍କ ସହ ଭେଟ ହୋଇଥିଲା। ସେହି ସମୟରେ ମୁଁ ତାଙ୍କ ସହ ମଡେଲିଂ ବିଷୟରେ କଥା ହୋଇଥିଲି। ସେତେବେଳେ ସେ ମୋତେ ମଡେଲିଂ ସମ୍ପର୍କରେ ଅନେକ ଶିକ୍ଷଣୀୟ ଟିପ୍ସ ଦେଇଥିଲେ। ପରବର୍ତ୍ତୀ ସମୟରେ ତାହାକୁ ମୁଁ ଗୋଟି ଗୋଟି କରି ଫଲୋ କଲି। କହିବାକୁ ଗଲେ ସେ ମୋ ମଡେଲିଂ କ୍ୟାରିୟରକୁ ନୂଆ ରୂପ ଦେବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ। ତାଙ୍କର ଏହି ଅବଦାନକୁ ମୁଁ କଦାପି ଭୁଲିପାରିବି ନାହିଁ। ତାଙ୍କୁ ମୁଁ ଏକରକମ ମୋ ମଡେଲିଂ କ୍ୟାରିୟରର ରୋଲ୍ ମଡେଲ୍ ଭାବରେ ଗ୍ରହଣ କରିନେଇଥିଲି।' କ୍ୟାଟ୍ରିନାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ବୁମ୍'ରୁ। ଦୀର୍ଘ ୨୩ ବର୍ଷର ତାଙ୍କର ଅଭିନୟ ଜୀବନରେ ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ହେଲା, 'ସରକାର', 'ନମସ୍ତେ ଲଣ୍ଡନ', 'ୱେଲକମ୍', 'ରେସ୍', 'ଅଜବ ପ୍ରେମ୍ କି ଗଜବ କାହାନୀ', 'ବଡିଗାର୍ଡ', 'ଅଗ୍ନିପଥ', 'ଏକ ଥା ଟାଇଗର', 'ଟାଇଗର ଜିନ୍ଦା ହେ' ଏବଂ ଚଳିତ ବର୍ଷ ରିଲିଜ ହୋଇଥିବା 'ଟାଇଗର-୩'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ମେରି ଖ୍ରୀଷ୍ଟମାସ' ଚଳିତ ବର୍ଷ ଜାନୁୟାରୀ ୧୨ରେ ରିଲିଜ ହେବାକୁ ଯାଉଛି।

# 'ଫାଇଟର୍'କୁ ଅପେକ୍ଷା

ଚଳିତ ବର୍ଷ ରିଲିଜ ହେବାକୁ ଯାଉଥିବା ଅନ୍ୟତମ ଚର୍ଚ୍ଚିତ ଫିଲ୍ମଟି ହେଉଛି 'ଫାଇଟର୍'। ଆକ୍ସନଭିତ୍ତିକ କାହାଣୀକୁ ନେଇ ନିର୍ମିତ ଏହି ସିନେମାରେ ହ୍ରିତିକ ରୋଶନ ନାୟକ ସାଜିଛନ୍ତି। ଆଉ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପିକା ପାଦୁକୋନ୍। ଖାସ୍ କଥା ହେଲା ଫିଲ୍ମଟି ଏବର୍ଷ ଜାନୁୟାରୀ ୨୫ରେ ପରଦା ଉପରକୁ ଆସୁଛି। ଆଉ ଏହି ଦିନକୁ ବେଶ୍ ଉତ୍ସୁକତାର ସହ କେବଳ ହ୍ରିତିକ ନୁହେଁ ଦୀପିକା ମଧ୍ୟ ଅପେକ୍ଷା କରିଛନ୍ତି। ଏ ନେଇ ଦୀପିକା କହନ୍ତି, 'ଭାରତୀୟ ଏୟାରଫୋର୍ସର ଏକ ସତ ଘଟଣା ଉପରେ ଏହାର କାହାଣୀ ଆଧାରିତ। ତେଣୁ ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଏଥିରେ ଅଭିନୟ କରିଥିବା କଳାକାରମାନେ ଚେଷ୍ଟା କରିବା ସହ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ସୂଚାରୁ ରୂପେ ତୁଲାଇବାକୁ ମୁଁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ହ୍ରିତିକ-ଦୀପିକାଙ୍କ ବ୍ୟତୀତ ଏଥିରେ ଅନୀଲ କପୁର, ଅକ୍ଷୟ ଓବରୟ, ସଞ୍ଜିଦା ଶେଖ୍, ସଞ୍ଜୀବ ଚୋପ୍ରା, କରନ୍ ସିଂ ଗ୍ରୋଭର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟି ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



କ୍ୟାଟ୍ରିନା



ଦୀପିକା



ପ୍ରଶାନ୍ତ ନୀଲ୍

# 'କେଜିଏଫ'ର ନିର୍ଦ୍ଦେଶନା ଦେଇ ନ ଥିଲେ..

ଥରେ ମନେ ପକାନ୍ତୁ ନା ପ୍ରଶାନ୍ତ ନୀଲ୍ଙ୍କ ନିର୍ଦ୍ଦେଶିତ 'କେଜିଏଫ'କୁ। ଫିଲ୍ମଟି ରାତାରାତି ତାଙ୍କୁ ଷ୍ଟାର ମାନ୍ୟତା ଦେଇଥିଲା। ସବୁଠାରୁ ଖାସ୍ କଥା ହେଲା ଏହା ଥିଲା ତାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ସିନେମା। ଯଦିଓ ଏହାର ସଫଳତାକୁ ନେଇ ସେ ଆଶାବାଦୀ ଥିଲେ, ହେଲେ ଯେତେବେଳେ ଏହା ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କଲା ତାହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ସେ। ଏ ନେଇ ବାଙ୍ଗାଲୁରୁରେ ଜନ୍ମିତ ପ୍ରଶାନ୍ତ କହନ୍ତି, 'ଯେତେବେଳେ ବଡ ପରଦା ପ୍ରତି ମୋର ଆଗ୍ରହ ସୃଷ୍ଟି ହେଲା, ସେତେବେଳେ ମୁଁ ପ୍ରଥମେ ଚିତ୍ରନାଟ୍ୟ ରଚନା ଆରମ୍ଭ କଲି। ତା'ପରେ ନିର୍ଦ୍ଦେଶନା ପ୍ରତି ମୋର ମନ ଢ଼ଳିଥିଲା। ମୋ ନିର୍ଦ୍ଦେଶିତ ପ୍ରଥମ କନ୍ନଡ ଫିଲ୍ମ 'ଉଗ୍ରମ୍' ୨୦୧୪ରେ ରିଲିଜ ହୋଇ ଭଲ ବିଜନେସ୍ କରିବା ପରେ ଜଣେ ନିର୍ଦ୍ଦେଶକ ସାଜିବାର ଆଶା ମୋ ମନରେ ଦୃଢ଼ିଭୂତ ହୋଇଥିଲା। ଏହାର ଚାରିବର୍ଷ ପରେ 'କେଜିଏଫ' ରିଲିଜ ହେଲା। ଆଉ ତାହାର ସଫଳତା ମୋ ଭାଗ୍ୟ ଖୋଲି ଦେଇଥିଲା। ଯଦି ମୁଁ ସେ ଅଫରକୁ ପ୍ରତ୍ୟାଖାନ କରିଥାଆନ୍ତି, ତାହାହେଲେ ହୁଏତ ଏବେ ପରିସ୍ଥିତି ଭିନ୍ନ ହୋଇଥାଆନ୍ତା। ମୋ ନିର୍ଦ୍ଦେଶନାକୁ ସଫଳ ରୂପେ ପରଦାରେ ଫୁଟାଇ ପାରିଥିଲେ ଲୋକପ୍ରିୟ ଅଭିନେତା ଯଶ। ଏବେ 'ସଲାର'କୁ ପ୍ରାରମ୍ଭିକ ସଫଳତା ମିଳିଛି ଆଉ ଏଥିପାଇଁ ମୁଁ ଦର୍ଶକଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।' ନୀଲ୍ଙ୍କୁ 'କେଜିଏଫ'ର କାହାଣୀକୁ ଶେଷ ରୂପ ଦେବା ଲାଗି ପାଖାପାଖି ଦେଢ଼ ବର୍ଷ ଲାଗିଥିଲା। ଏଥିପାଇଁ ସେ ଏକ ସାତ-ଜଣିଆ ଗ୍ରୁପ୍ ବି ଗଠନ କରିଥିଲେ।



ଲିପିକା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ହାର

ପଡୋଶୀ ସୀମାକୁ: ତମେ ଗୋଟେ ନୂଆ ହାର ପିନ୍ଧିଛ ବୋଧେ।

ସୀମା: ହଁ।

ପଡୋଶୀ: କେତେ ପଡ଼ିଲା।

ସୀମା: ବେଶି ନୁହଁ, ଦୁଇ ଦିନର ଝଗଡ଼ା, ଗୋଟେ ଦିନର ଅନଶନ, ଦୁଇ ଦିନର ମଉନବ୍ରତ ଓ କିଛିଟା କନ୍ଦାକଟା ପରେ ମିଳିଛି ଏଇ ହାର।

## ସମସ୍ୟା

ପ୍ରେମିକା: କାଲି ନ୍ୟୁ ଇୟର୍‌ରେ ଆମେ ପାର୍ଟି କରିବା।

ପ୍ରେମିକ: ନା, ମୋ ସ୍ତ୍ରୀର ଦେହ ଖରାପ ଅଛି। କାଲି ତାକୁ ଡାକ୍ତରଖାନା ନେବାର ଅଛି।

ପ୍ରେମିକା: ତମେ ବାହା ହେଇଛ, ହେଲେ ମତେ କହି ନ ଥିଲ? ଧୋକ୍କାବାଜ।

ପ୍ରେମିକ: ମୁଁ ତ ତମକୁ ଆଗରୁ କହିଥିଲି ଯେ, ମୋ ଘରେ ଗୋଟେ ବଡ଼ ସମସ୍ୟା ଅଛି। ତମେ ବୁଝିପାରିଲନି ମୁଁ କ'ଣ କରିବି।

## ଛାଡିଦେବି

କମଳ ରାଜୁକୁ: ଗୋଟେ ସିଗାରେଟ୍ ଦେଲୁ।

ରାଜୁ: ତୁ ତ ପ୍ରମିଜ୍ କରିଥିଲୁ ଏଇ ନୂଆବର୍ଷଠାରୁ ସିଗାରେଟ୍ ନେବୁନି।

କମଳ: ମୁଁ ଦୋକାନରୁ ନେବିନି ବୋଲି ପ୍ରମିଜ୍ କରିଥିଲି। ତୋ'ଠୁ ତ ନେଇପାରିବି। ଦେ ଜଲ୍‌ଦୀ ଦେ।





ନୂଆବର୍ଷ ଅବସରରେ ବୁଲାବୁଲି, ପାର୍ଟି, ଫଙ୍କ୍ସନ, ପିକ୍‌ନିକ୍ ଇତ୍ୟାଦିର ପ୍ଲାନିଂ କରିବା ସାଧାରଣ କଥା। କିନ୍ତୁ ଏଥିପାଇଁ ଉପଯୁକ୍ତ ପର୍ଯ୍ୟଟନସ୍ଥଳୀର ଚୟନ କରିବା ବି ସେତିକି ଜରୁରୀ। ତେଣୁ ଏଠାରେ ସେମିତି କିଛି ଖାସ୍ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠିକି ନୂଆବର୍ଷରେ ଗଲେ ନିଆରା ଅନୁଭୂତି ମିଳିବା ସହ ବୁଲିବାର ମଜା ଦ୍ୱିଗୁଣିତ ହୋଇଯିବ....

# ନୂଆବର୍ଷରେ ବୁଲାବୁଲି

✲ **ଉଦୟପୁର:** ରାଜସ୍ଥାନର ଉଦୟପୁର ବି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ, ଯେଉଁଠାରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜୋର୍‌ସୋରରେ ପ୍ରସ୍ତୁତି କରାଯାଇଥାଏ। ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଖୁବ୍ ଶସ୍ତାରୁ ଆରମ୍ଭକରି ନାମୀଦାମୀ ହୋଟେଲର ବ୍ୟବସ୍ଥା ରହିଛି। ଆଉ ଏହିସବୁ ହୋଟେଲରେ ନୂଆବର୍ଷ ସେଲିବ୍ରେଶନ୍ ପାଇଁ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ରାତିରେ ଆତସବାଜି ସହ ସଙ୍ଗୀତର ତାଳେ ତାଳେ ଝୁମିଝୁମି ଲୋକେ ଏଠି ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି। ତା'ଛଡ଼ା ଅନେକ ଐତିହାସିକ ପର୍ଯ୍ୟଟନସ୍ଥଳୀର ସମ୍ଭାର ବି ଏଠି ରହିଛି।

✲ **ଜୟସାଲ୍‌ମେର୍:** ଦି ଗୋଲ୍ଡେନ୍ ସିଟି ଭାବେ ପରିଚିତ ରାଜସ୍ଥାନର ଜୟସାଲ୍‌ମେର୍ ବି ନୂଆବର୍ଷର ଛୁଟି କଟାଇବା ପାଇଁ ଭଲ ସ୍ଥାନ। ନବବର୍ଷର ପାର୍ଟି ସେଲିବ୍ରେଶନ୍ କରିବାକୁ ଏଠାରେ ପର୍ଯ୍ୟଟକଙ୍କୁ ଶାନ୍ତ, ସୁନ୍ଦର ପରିବେଶ ମିଳିଥାଏ। ମଉଜ ମଜଲିସ ଭିତରେ ଏଠାରେ ରାଜସ୍ଥାନୀ ଖାଦ୍ୟର ମଜା ବି ଉଠାଇପାରିବେ ପର୍ଯ୍ୟଟକ।


✲ **ଲାକ୍ଷାଦ୍ୱୀପ:** ଏଠାକାର ଶାନ୍ତ, ସୁନ୍ଦର ବେଳାଭୂମିରେ କିଛିକ୍ଷଣ ବସିପଡ଼ିଲେ ଥକ୍କାପଣ ସଙ୍ଗେସଙ୍ଗେ ଦୂର ହୋଇଯାଏ। ବ୍ୟସ୍ତମୟ ଜୀବନରୁ କିଛି ସମୟ ବିରତି ନେଇ ନିରୋଳାରେ ନୂଆବର୍ଷ କଟାଇବା ପାଇଁ ଏହା ସବୁଠୁ ଭଲ ସ୍ଥାନ। ଦେଖିବା ଭଳି ଅନେକ ସ୍ଥାନ ବି ଏଠି ରହିଛି, ଯେମିତିକି – ଅଗତ୍ତି ଦ୍ୱୀପ, କାଭାରାତି, ଅମିନି ଦ୍ୱୀପ, ବଙ୍ଗାରାମ ଇତ୍ୟାଦି।


✲ **ଦିଲ୍ଲୀ:** ଧାର୍ମିକ ପୀଠ ତଥା ଐତିହାସିକ ସ୍ଥଳୀ ନିମନ୍ତେ ଦିଲ୍ଲୀର ବେଶ୍ ନାଁ ରହିଛି। ତା'ଛଡ଼ା ପର୍ଯ୍ୟଟକ ଏଠାରେ ଅନେକ ପ୍ରକାର ସୁସ୍ୱାଦୁ ଭୋଜନର ଆନନ୍ଦ ମଧ୍ୟ ଉଠାଇଥାନ୍ତି। ଶପିଂ ସହ ବୁଲିବା ପାଇଁ ଅନେକ ସୁନ୍ଦର ସୁନ୍ଦର ସ୍ଥାନ ବି ଏଠି ରହିଛି, ଯେମିତିକି–ଚାନ୍ଦିନୀ ଚୌକ୍, ଲାଲ୍‌କିଲା, କୁତବ୍‌ମିନାର, ଲୋଟସ୍ ଟେମ୍ପଲ୍, ଇଣ୍ଡିଆ ଗେଟ୍ ଇତ୍ୟାଦି। ବୁଲାବୁଲିରେ ନୂଆବର୍ଷ କଟାଇବା ପାଇଁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଦିଲ୍ଲୀ ପର୍‌ଫେକ୍ଟ ସ୍ଥାନ କହିଲେ ଭୁଲ୍ ହେବ ନାହିଁ।

✲ **ଆଣ୍ଡାମାନ ନିକୋବର:** ଆଣ୍ଡାମାନ ନିକୋବରରେ ବି ନୂତନବର୍ଷକୁ ଖୁବ୍ ଧୁମଧାମରେ ସ୍ୱାଗତ କରାଯାଇଥାଏ। ଦିନବେଳା ଏଠାକାର ଶାନ୍ତ ସୁନ୍ଦର ବେଳାଭୂମିରେ ବୁଲିବେ ଆଉ ରାତିରେ ହୋଟେଲଗୁଡ଼ିକରେ ନୂଆବର୍ଷ ପାର୍ଟିର ମଜା ନେବେ। ତା'ଛଡ଼ା ୱାଟର ସ୍ପୋର୍ଟ୍ସ ପାଇଁ ସୁବିଧା ଥିବା ଯୋଗୁ କେବଳ ନୂଆବର୍ଷ କାହିଁକି ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ।

✲ **ବାଙ୍ଗାଲୋର:** ନୂଆବର୍ଷ ଅବସରରେ ବାଙ୍ଗାଲୋରରେ ମନଭରି ଶପିଂ କରିବାର ମଜା ଉଠାଇଥାନ୍ତି ପର୍ଯ୍ୟଟକ। କାରଣ ଏହି ସମୟରେ ଏଠାକାର ମଲ୍‌ଗୁଡ଼ିକରେ ଭଲ ଡିସ୍‌କାଉଣ୍ଟ ମିଳିଥାଏ । ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ବିଭିନ୍ନ ଐତିହାସିକ ସ୍ଥାନ ବୁଲିବା ସହ ସ୍ଥାନୀୟ ଜୀବଜନ୍ତୁଙ୍କୁ ଦେଖିବାର ଆନନ୍ଦ ମଧ୍ୟ ଉଠାଇପାରିବେ।









✲ **କସୌଲୀ:** ହିମାଚଳପ୍ରଦେଶର କସୌଲୀରେ ବି ନୂଆବର୍ଷ ପାଳନ କରିବାକୁ ଯାଇହେବ। ଏଠାରେ ନବବର୍ଷ ପାର୍ଟିର ଆନନ୍ଦ ନେବାସହ ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ କେତେକ ପର୍ଯ୍ୟଟନସ୍ଥଳୀ ବି ବୁଲି ଦେଖିପାରିବେ।

କେବଳ ଏହି ସବୁ ସ୍ଥାନ ନୁହେଁ, ମୁମ୍ବାଇ, କୋଲକାତା, ଗୋଆ, ମନାଲି ଇତ୍ୟାଦି ସ୍ଥାନରେ ମଧ୍ୟ ନୂଆବର୍ଷର ପାଳନ ଖୁବ୍ ଧୁମଧାମରେ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସ୍ଥାନକୁ ବି ବୁଲି ଯାଇପାରିବେ।




# ଜାନୁଆରୀ ୧ରେ କାହିଁକି

**ଡିସେମ୍ବର ମାସ ଯେତେ ଯେତେ ସରି ସରି ଆସେ ସମସ୍ତଙ୍କ ଉତ୍କଣ୍ଠା ସେତେସେତେ ବଢ଼ି ଚାଲେ। କାରଣ ଏଇ ମାସଟି ସରିଲେ ଆଗମନ ହେବ ନୂଆ ଏକ ବର୍ଷର । ଆଉ ଚାରିଆଡ଼େ ଖେଳିଯିବ ଖୁସିର ପରିବେଶ। ହେଲେ ଜାଣନ୍ତି କି ପ୍ରକୃତରେ କେବେଠାରୁ ଜାନୁଆରୀ୧ ତାରିଖକୁ ନବବର୍ଷଭାବେ ପାଳନ କରାଯାଉଛି? ଜାଣନ୍ତୁ ସେ ସମ୍ପର୍କରେ...**

ଜାନୁଆରୀ ୧ରେ ନବବର୍ଷ ପାଳନର ପରମ୍ପରା ବହୁ ପୁରୁଣା। ତେବେ ଇତିହାସ କହେ ଏହାର ଆରମ୍ଭ ଗ୍ରେଗୋରିଆନ କ୍ୟାଲେଣ୍ଡର ଅନୁଯାୟୀ ପଞ୍ଚଦଶ ଶତାବ୍ଦିରେ ୧୫୮୨ ମସିହା ଅକ୍ଟୋବର ମାସରେ ହୋଇଥିଲା। ସୂଚନାଯୋଗ୍ୟ ଯେ, ଏହି ତାରିଖ ପୂର୍ବରୁ ସାରା ପୃଥିବୀରେ ଜୁଲିଆନ କ୍ୟାଲେଣ୍ଡର ଅନୁସରଣ କରାଯାଉଥିଲା। ସେଥିରେ କେବଳ ୧୦ଟି ମାସ, ୩୧୦ ଦିନ ଓ ସପ୍ତାହକ ୮ ଦିନ ଥିଲା। ସେତେବେଳେ ଖ୍ରୀଷ୍ଟମାସ ଦିନ ହିଁ ନବବର୍ଷ ପାଳନ ହେଉଥିଲା।

**ନୂଆବର୍ଷ ପାଳନ ହେଉଥିଲା ମାର୍ଚ୍ଚ ୨୫ ଅବା ଡିସେମ୍ବର ୨୫ରେ:**

ପଞ୍ଚଦଶ ଶତାବ୍ଦି ପୂର୍ବରୁ ମାର୍ଚ୍ଚକୁ ବର୍ଷର ପ୍ରଥମ ମାସ ଭାବେ ଗଣନା କରାଯାଉଥିଲା। ଆଉ ୨୫ ମାର୍ଚ୍ଚ ଅବା ୨୫ ଡିସେମ୍ବରରେ ନୂଆବର୍ଷ ପାଳନ କରାଯାଉଥିଲା। ରୋମର ଦ୍ୱିତୀୟ ରାଜା ନୁମା ପୋମ୍ପିଲିୟସ୍ ତାଙ୍କ ରାଜତ୍ୱ କାଳ(ଖ୍ରୀ.ପୂ. ୭୧୫-୬୭୩)ରେ ରୋମାନ ରିପବ୍ଲିକ କ୍ୟାଲେଣ୍ଡରରେ ପରିବର୍ତ୍ତନ କରି ଦୁଇଟି ମାସ ଯୋଡିଥିଲେ। ଆଉ ମାର୍ଚ୍ଚ ପରିବର୍ତ୍ତେ ଜାନୁଆରୀକୁ ବର୍ଷର ପ୍ରଥମ ମାସଭାବେ ଗଣନା କରାଗଲା। ଜାନୁଆରୀ ନାମଟି 'ଜାନୁସ୍'ରୁ ଆସିଛି ଯାହାଙ୍କୁ କି ଯେକୌଣସି ଆରମ୍ଭର ଦେବତାଭାବେ ଗଣନା କରାଯାଏ। ଆଉ ମାର୍ଚ୍ଚ ନାମଟି 'ମାର୍ସ'ରୁ ଉଦ୍ଭୃତ ଯାହାଙ୍କୁ ଯୁଦ୍ଧର ଦେବତା ଭାବେ ଗଣନା କରାଯାଏ। ଜାନୁସ୍‌ର ଅର୍ଥ ଆରମ୍ଭକୁ ସୂଚାଉଥିବାରୁ ନୁମା ଜାନୁଆରୀକୁ ବର୍ଷର ପ୍ରଥମ ମାସ କଲେ। ଆଉ ଜାନୁଆରୀ ୧କୁ ବର୍ଷର ପ୍ରଥମ ଦିନଭାବେ ଗଣନା କରାଗଲା। ତେବେ ଖ୍ରୀ.ପୂ ୧୫୩ ପର୍ଯ୍ୟନ୍ତ ୧ ଜାନୁଆରୀକୁ ଆଧିକାରିକଭାବେ ରୋମନ ବର୍ଷର ଆରମ୍ଭ ବୋଲି ଘୋଷଣା କରାଯାଇ ନ ଥିଲା।



ଖ୍ରୀ.ପୂ. ୪୬ରେ ଜୁଲିୟସ ସିଜର ଜୁଲିଆନ କ୍ୟାଲେଣ୍ଡର(ଯାହାକି ରୋମାନ କ୍ୟାଲେଣ୍ଡରର ସୁଧାର ପରର କ୍ୟାଲେଣ୍ଡର)ରେ କିଛିଟା ପରିବର୍ତ୍ତନ ଆଣିଥିଲେ। ଆଉ ଜାନୁଆରୀ ୧କୁ ବର୍ଷର ପ୍ରଥମ ଦିନ କଲେ। ରୋମ ସାମ୍ରାଜ୍ୟ ବୃଦ୍ଧି ସହ ଜୁଲିଆନ କ୍ୟାଲଣ୍ଡରର ବି ପ୍ରସାର ହେଲା। ହେଲେ ରୋମ ସାମ୍ରାଜ୍ୟର ପତନ ପରେ ଅନେକ ଖ୍ରୀଷ୍ଟଧର୍ମୀ ଦେଶ ଏହି କ୍ୟାଲେଣ୍ଡର ଗ୍ରହଣ କଲେ ନାହିଁ। ଆଉ ମାର୍ଚ୍ଚ ୨୫ ଏବଂ ଡିସେମ୍ବର ୨୫କୁ ନୂଆବର୍ଷ ଭାବେ ପାଳନ କଲେ। ଏହାବାଦ ପରେ ଜଣାପଡିଲା ଯେ, ଜୁଲିଆନ କ୍ୟାଲେଣ୍ଡରରେ ଅନେକ ତ୍ରୁଟି ଅଛି। ଯାହାକୁ ସୁଧାରିବା ଜରୁରୀ। ତେଣୁ ୧୫୮୨ରେ ପୋପ୍ ଗ୍ରେଗୋରୀ XIII ସେହି କ୍ୟାଲେଣ୍ଡରରେ ସୁଧାର ଆଣି ନୂଆ କ୍ୟାଲେଣ୍ଡର ଦୁନିଆକୁ ପ୍ରଦାନ କଲେ। ଏହି ଗ୍ରେଗୋରିଆନ କ୍ୟାଲେଣ୍ଡରରେ ଜାନୁଆରୀ ୧କୁ ବର୍ଷର ପ୍ରଥମ ଦିନଭାବେ ଗ୍ରହଣ କରାଗଲା। ଇଟାଲୀ, ଫ୍ରାନ୍ସ, ସ୍ପେନ ଏହି କ୍ୟାଲେଣ୍ଡରକୁ ସଙ୍ଗେ ସଙ୍ଗେ ଆପଣେଇଥିଲେ। ହେଲେ କିଛି ରୁଢିବାଦୀ ଦେଶ ଏହାକୁ ଗ୍ରହଣ କରିବାକୁ ସମୟ ନେଇଥିଲେ। ୧୭୫୨ ମସିହା ବେଳକୁ ଗ୍ରେଟ ବ୍ରିଟେନ ଓ ଆମେରିକୀୟ କଲୋନିଗୁଡିକ ଏହି କ୍ୟାଲେଣ୍ଡରକୁ ଗ୍ରହଣ କଲେ। ସମୟ ବଦଳିବା ସହ ଖ୍ରୀଷ୍ଟଧର୍ମ ବ୍ୟତିତ ଅନ୍ୟ ଧର୍ମର ଦେଶ ବି ଏହି କ୍ୟାଲେଣ୍ଡରକୁ ଗ୍ରହଣ କଲେ।

ଭାରତରେ ନାନା ଧର୍ମ ଓ ସଂସ୍କୃତିର ଲୋକ ବସବାସ କରନ୍ତି। ଆଉ ଏଠାରେ ନବବର୍ଷ ବି ଭିନ୍ନ ଭିନ୍ନ ଦିନ ପାଳନ କରାଯାଇଥାଏ। ହିନ୍ଦୁ ନବବର୍ଷ ଚୈତ୍ର ମାସ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହେବାବେଳେ ମରାଠିମାନେ 'ଗୁଡ଼ି ପାଡ଼ୱା' ଦିନ ନବବର୍ଷର ଆଗମନ ହୁଏ ବୋଲି ବିଶ୍ୱାସ କରନ୍ତି। ଏହାସହ ଆନ୍ଧ୍ରପ୍ରଦେଶ, କର୍ନାଟକ ଓ ତେଲେଙ୍ଗାନାରେ 'ଉଗାଡ଼ି'କୁ ନବବର୍ଷ ପାଳନ କରାଯାଏ। କେରଳରେ ଏପ୍ରିଲ ମାସରେ ନବବର୍ଷ ପାଳନ କରାଯାଏ।




# କେଏଫ୍‌ସି ଚିକେନ ଥିମ୍‌ରେ ବିବାହ

ବିବାହ ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ। ତେଣୁ ଏହାକୁ ଅଭୁଲା କରିବା ଲାଗି ଅନେକେ ଅଜବ ପନ୍ଥା ଆପଣେଇବାକୁ ପଛାଇ ନ ଥାଆନ୍ତି। ଯାହାର ଅନେକ ନଜିର ଦେଖିବାକୁ ମିଳିଛି। ସେମିତି ଏକ ଅଜବ ବିବାହ ସିଙ୍ଗାପୁରରେ ହୋଇଥିଲା। ଏହି ବିବାହ ପ୍ରସିଦ୍ଧ ଚିକେନ ରେଷ୍ଟୁରାଣ୍ଟ ଚେନ୍ କେଏଫସି ଉପରେ ଆଧାରିତ ଥିଲା। ସିଙ୍ଗାପୁରର ମହିଳା ଲାଇଙ୍ଗ ଲେ ୱଙ୍ଗ କେଏଫ୍‌ସି ପାଇଁ ପାଗଳ ଥିଲେ। ତେଣୁ ସେ ସବୁବେଳେ ଚାହୁଁଥିଲେ ତାଙ୍କ ବିବାହ କେଏଫ୍‌ସି ଥିମ୍‌ରେ ହେଉ। ଏହାବାଦ୍ ଏଭଳି ବିବାହ ପଛର ଆଉ ଏକ କାରଣ ଥିଲା ଯେ, ସେ ତାଙ୍କ ଭାବି ସ୍ୱାମୀଙ୍କୁ କେଏଫ୍‌ସିରେ ହିଁ ପ୍ରଥମେ ଭେଟିଥିଲେ। ତେଣୁ ଏଇ ବିବାହ କିଭଳି କେଏଫ୍‌ସି ଥିମ୍‌ରେ ହେବ ସେଥିପାଇଁ ସେ କେଏଫ୍‌ସିକୁ ଇ-ମେଲ୍ କରିଥିଲେ। କେଏଫ୍‌ସି ଅନୁମତି ମଧ୍ୟ ଦେଇଥିଲା। ୱଙ୍ଗ ହ୍ୱିଲଚେୟାର୍ ଉପରେ ନିର୍ଭରଶୀଳ। ତାଙ୍କର ଏଭଳି ବିବାହ ଯୋଜନା ସମ୍ପର୍କରେ ସ୍ଥାନୀୟ କେଏଫ୍‌ସି ଆଉଟଲେଟ୍ ଜାଣିବା ପରେ ୱଙ୍ଗଙ୍କ ଖାଦ୍ୟଠୁ ଆରମ୍ଭ କରି ଡେକୋରେସନ୍ ପର୍ଯ୍ୟନ୍ତ ୫୦% ରିହାତି କରିଥିଲେ। ବିବାହ ସ୍ଥଳକୁ ପୁରାପୁରି କେଏଫସି ଥିମରେ ସଜାଯାଇଥିଲା। ତା'ସହ ୱଙ୍ଗଙ୍କ ହାତରେ ଫୁଲର ବୁକେ ନ ଦିଆଯାଇ ଦିଆଯାଇଥିଲା ଚିକେନ ଲେଗ୍‌ପିସ୍‌ର ବୁକେ। ଭେନ୍ୟୁରେ ଚିକେନ୍ ବର୍ଗର ଆକାରର ବିନ୍‌ବ୍ୟାଗ ବି ରଖାଯାଇଥିଲା। ମେନ୍ୟୁରେ ତ କେଏଫ୍‌ସିର ଭଲ ଭଲ ଡିଶ୍ ଥିଲା। ଏଭଳି ଅଜବ ବିବାହ ଦେଖି ଅତିଥିମାନେ ଆଶ୍ଚର୍ଯ୍ୟ ହେବା ସହ ବିବାହକୁ ମନଭରି ଉପଭୋଗ କରିଥିଲେ।



# ନିଜ ଧର୍ମକୁ ନିଜେ ରକ୍ଷାକରରେ ଭାଇ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

**ଗ**ଣେଶ ପୂଜାରେ ଗଣେଶଙ୍କ ମେଢ଼ ସାମ୍ନାରେ ଅନୁଷ୍ଠିତ 'ଡାନ୍ସ ଆଣ୍ଡ ଡାନ୍ସ' ପ୍ରତିଯୋଗିତାରେ 'ବୋତଲ ଭାଙ୍ଗିବି ଗୋରୀ ତୋ ଦୁଆରେ' ଗୀତରେ ନାଚି ପ୍ରଥମ ହୋଇ ଚାଖଣ୍ଡେ ଲମ୍ବର ଏକ ସିଲ୍ କପ୍ ଧରି ଘରକୁ ଫେରିଥିବା ନଅବର୍ଷ ପୁଅର ସଫଳତାକୁ ଦେଖି ସେଦିନ ପିତା ଅଜୟ ବାବୁ ବେଶ୍ ଆହ୍ଲାଦିତ ହୋଇ କହୁଥିଲେ- 'ଆଜ୍ଞା, ମୋ ପୁଅକୁ ଟିକେ ଆଶୀର୍ବାଦ କରନ୍ତୁ। ସେ କେମିତି ଆଉ ଟିକେ ଭଲ କି ନାଚୁ।'

କେବଳ ଅଜୟ ବାବୁ ନୁହନ୍ତି, ଆମ ସମାଜରେ ଥିବା ଅଜୟ ବାବୁଙ୍କ ପରି ପିତାମାତାମାନେ ଏମିତି ନିଜ ପିଲାମାନଙ୍କର ଏପରି ସଫଳତାରେ କୁରୁଳି ଉଠନ୍ତି। ଉଠିବା ବି ସ୍ୱାଭାବିକ । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ଏପରି ବ୍ୟବସ୍ଥାରେ ନିଜ ପୁତ୍ର କନ୍ୟାମାନେ ସଂସ୍କାରଠାରୁ ଦୁଇ ପାହାଚ ପଛକୁ ହଟି ଯାଉଛନ୍ତି, ଯାହା ଭବିଷ୍ୟତରେ ନିଜ ପାଇଁ ତଥା ନିଜ ଧର୍ମ ପାଇଁ ହାନିକାରକ ସାବ୍ୟସ୍ତ ହେବାର ସମ୍ଭାବନା ସୃଷ୍ଟି କଲାଣି । ନୃତ୍ୟ ଏକ ପ୍ରତିଭା । ଏହା ଏକ କଳା । କିନ୍ତୁ ଏହି କଳାକୁ ଦେବତାଙ୍କ ମୂର୍ତ୍ତି ସମ୍ମୁଖରେ ଗୋଟିଏ ଶସ୍ତା ଏବଂ ଦ୍ୱିଅର୍ଥବୋଧକ ଗୀତରେ ପ୍ରଦର୍ଶନ କରିବା ଯେ କେଉଁ ସମୃଦ୍ଧ ପରମ୍ପରାକୁ ପରିପୁଷ୍ଟ କରୁଛି ତାହା ଜଣାପଡୁନି। ଗଣେଶଙ୍କ ସହିତ ଗୋରୀର ଦୁଆରେ ମଦ ବୋତଲ ଭାଙ୍ଗିବାର କି ସମ୍ପର୍କ ଅଛି କେଜାଣି!

ଏବେ ଏବେ ଯାଇଛି ଏ ସନର ଦୁର୍ଗା, ଲକ୍ଷ୍ମୀ, କାଳୀ, କାର୍ତ୍ତିକେଶ୍ୱର ଆଦିଙ୍କ ପୂଜା । ଅନେକ ଜାଗାରେ ମା'ଙ୍କ ସମ୍ମୁଖରେ ପରିବେଷଣ ହେଲା ମେଲୋଡ଼ି। ଯେଉଁ ମା'ଙ୍କୁ ଧୂପ ଦୀପ ନୈବେଦ୍ୟ ଆଦି ଷୋଡ଼ଶ ଉପଚାରରେ ପୂଜା କରାଯାଇ ଭକ୍ତି ନୈବେଦ୍ୟ ଅର୍ପଣ କରାଯାଇଥିବ, ସେଇ ମା'ଙ୍କ ସମ୍ମୁଖରେ ସରକାରଙ୍କ କଟକଣାକୁ ବେଖାତିର କରି ଅର୍ଦ୍ଧନଗ୍ନ ତରୁଣୀମାନେ ବିଭିନ୍ନ ଅଶ୍ଳୀଳ ଇଙ୍ଗିତ ଦେଖାଇ ଶସ୍ତା ଆଲବମ୍ ଗୀତରେ ନାଚିଲେ। ଦର୍ଶକମାନଙ୍କୁ ମତୁଆଲା କରିବା ପାଇଁ କଳାକାରମାନେ ବିଭିନ୍ନ ଗରମା ଗରମ ଅଶ୍ଳୀଳ ଗୀତଗୁଡ଼ିକୁ ପରିବେଷଣ କରିବାରେ ଲାଗିପଡ଼ିଲେ। ଆପଣ ଦର୍ଶକମାନେ ବି ଜୋରରେ କରତାଳି ଏବଂ ପାଟିରେ ହୁଇସିଲ୍ ମାରି ସେମାନଙ୍କୁ ଉତ୍ସାହିତ କଲେ। ଥରେ ଟିକେ ଭାବିଲେ ସେଠି ମା' ଆଉ ରହିଥିବେ ତ? ଯେଉଁ ମା'ଙ୍କୁ ଜୀବନ୍ତ ବୋଲି ଭାବି ଅତ୍ୟନ୍ତ ନିଷ୍ଠାପର ଭାବେ ପୂଜାର୍ଚ୍ଚନା କରିଥାଉ, ସେଇ ମା'ଙ୍କୁ ଏପରି ନାଚ ସମୟରେ ଆମେ ତାଙ୍କୁ ଜୀବନ୍ତ ବୋଲି ଭାବିଥାଉ ନା ନାହିଁ? ନା କେବଳ ପୂଜା ସମୟରେ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବୁ ବାକି ଲଙ୍ଗଳା ନାଚ କରିବା ବେଳେ ମା'ଙ୍କ ଉପସ୍ଥିତି କଥା ଭୁଲିଯିବୁ- ଇୟେ କେମିତିକା ଦ୍ୱୈତ ଭାବନା ଏ ମଣିଷର? ଆୟୋଜକ, କଳାକାର ତଥା ଶ୍ରୋତାମାନେ ଟିକେ ଗଭୀରେଇ ଚିନ୍ତା କଲେ, ନିଜ ମାତାପିତା କିମ୍ବା ଗୁରୁଙ୍କୁ ଚୌକିରେ ବସାଇ ତାଙ୍କୁ ପୂଜାପୂଜି କରିବା ପରେ ସେମାନଙ୍କ ସମ୍ମୁଖରେ ଏମିତିଆ ଗୀତ ବଜାଇ ତୁମେ ନାଚିପାରିବ କି? ଯଦି ନୁହେଁ, ତେବେ ଦେବତାଙ୍କ ସମ୍ମୁଖରେ ସେଭଳି ଫାର୍ସ କାହିଁକି କରୁଛନ୍ତି?

ଅନୁରୂପ ଘଟଣା ଘଟେ ଭସାଣିବେଳେ। ମା'ଙ୍କୁ ବିଦାୟ ଦେବାର ପର୍ବ ହେଉଛି ଭସାଣି ଉତ୍ସବ । ଯେଉଁ ମା'ଙ୍କୁ ଆମେ ଲମ୍ବ ଲମ୍ବ ହୋଇ ମୁଣ୍ଡିଆ ମାରି ଆଶିଷ ମାଗୁଥିଲୁ, ସେଇ ମା' ଯେଉଁ ସମୟରେ ଆମଠୁଁ ବିଦାୟ ନେଇ ଯାଉଛନ୍ତି, ସେଇ ସମୟଟା ଆମ ପାଇଁ ଦୁଃଖଦ ସମୟ ନା ଖୁସିର ମୁହୂର୍ତ୍ତ! ଡିଜେ ବଜାଇ, ପୁଣି ସେଇ ଶସ୍ତା ଗୀତର ଆସରରେ ନିଶା ପାନ ପୂର୍ବକ ମଦମତ୍ତ ଯୁବକମାନଙ୍କର ଅବାଗିଆ ନାଚକୁ ଦେଖିଲେ ମନେହୁଏ ସତେ ଯେପରି ମା'ଙ୍କ ବିଦାୟ ଏକ ସୁଖକର ମୁହୂର୍ତ୍ତ।

ଅଷ୍ଟ ପ୍ରହରୀରେ ପବିତ୍ର ହରିନାମକୁ ଆଧୁନିକ ଗୀତର ତାଳରେ ଗାଇବା, ବୋଲବମ୍ ସମୟରେ ଗଣେଶ ଫାଦର... ପାର କରେଗା, କାର୍ତ୍ତିକ ଡାଡି... ପାର କରେଗା, ପାର୍ବତୀ ହଜ୍‌ବେଣ୍ଡ... ପାର କରେଗା, ମେଢ଼ ସାମ୍ନାରେ ବା ଭସାଣି ସମୟରେ ଦ୍ୱିଅର୍ଥବୋଧକ ଗୀତରେ ଲୁଗାପଟା ଖୋଲି ନାଚିବା ଆଦି ନାନାବିଧ ଅପସଂସ୍କୃତି ଏବଂ ମନ୍ଦ ଅଭ୍ୟାସ ଆମ ସନାତନ ଧର୍ମର ପବିତ୍ରତା ଏବଂ ଗୂଢ଼ ଗରିମାକୁ ନଷ୍ଟ କରିଦେବାକୁ ବସିଲାଣି । ଜୈନ ଏବଂ ବୌଦ୍ଧଧର୍ମର ପୂଜା ପାର୍ବଣରେ କେହି କେବେ ମଦ୍ୟପାନ କରି ନାଚୁଥିବାର କିଏ ଦେଖିଚ କି?



ମୁସ୍‌ଲିମ ଭାଇମାନଙ୍କ ରୋଜା ଆଦି ପବିତ୍ର ଉତ୍ସବରେ ଡିଜେ ବଜାଇ ଅଶ୍ଳୀଳ ଏବଂ ଅସଭ୍ୟ ଗୀତ କିମ୍ବା ସିନେମା ଗୀତ ବଜାଇ କେହି ନାଚନ୍ତି କି? କୌଣସି ଖ୍ରୀଷ୍ଟିଆନ୍ ଗୁଡ୍ ଫ୍ରାଇଡେ କିମ୍ବା ବଡ଼ ଦିନରେ ମଦ ନିଶାରେ ଚୂର ହୋଇ ଯିଶୁଙ୍କ ସାମ୍ନାରେ ଅଶ୍ଳୀଳ ନୃତ୍ୟ କରନ୍ତି କି? ବିଭିନ୍ନ ମହତ ଦିନମାନଙ୍କରେ ଚର୍ଚ୍ଚ, ଗୁରୁଦ୍ୱାର ବା ମସ୍‌ଜିଦରେ ଲାଉଡ୍ ସ୍ପିକର ମାଧ୍ୟମରେ ଶସ୍ତା ଗୀତ ବାଜୁଥିବାର କେହି ଶୁଣିଛ କି?

ଯଦି ନୁହେଁ, ତେବେ ଆମେ କାହିଁକି ସନାତନ ବା ହିନ୍ଦୁଧର୍ମ ପରି ମହାନ୍ ସମ୍ପ୍ରଦାୟ ମୁହଁରେ ଗୋବର ବୋଳି ନିଜ ଧର୍ମର ଐତିହ୍ୟକୁ ନଷ୍ଟ କରିବାକୁ ଆଗଭର ହେଉଛେ? ଅଜୟ ବାବୁଙ୍କ ପରି ମାତାପିତାମାନେ କାହିଁକି ସେମାନଙ୍କ ପୁଅମାନଙ୍କୁ ଶିକ୍ଷା ଦେଉନାହାନ୍ତି ଯେ ବାବୁରେ! ଦେବତାଙ୍କ ସାମ୍ନାରେ ଏପରି ଶସ୍ତା ଗୀତରେ ପିଚାହଲା ନୃତ୍ୟ କରାଯାଏ ନାହିଁ ବୋଲି! ଅନ୍ୟର ଛାତିକୁ ଥରାଇ ହୃଦୟକୁ ଖିନ୍‌ଭିନ୍ କରି ମୃତ୍ୟୁ ମୁହଁକୁ ଠେଲି ଦେଉଥିବାର ସାମର୍ଥ୍ୟ ରଖୁଥିବା ଡି ଜେ ବିନା କ'ଣ ଭସାଣି ହୋଇପାରିବ ନାହିଁ? ମେଢ଼ ସାମ୍ନାରେ ପାଲା, ପ୍ରବଚନ ବା ହରି କଥାର ଆୟୋଜନ କଲେ ମା' କ'ଣ ଆସ୍ଥାନ ଛାଡ଼ି ଚାଲିଯିବେ? ହଜାର ହଜାର ଟଙ୍କା ଖର୍ଚ୍ଚ କରି କାନଫଟା ଶବ୍ଦ କରୁଥିବା ଡିଜେ ବଦଳରେ ଝାଞ୍ଜ, ମୃଦଙ୍ଗ, ଖୋଳ ଆଦି ପାରମ୍ପରିକ ବାଦ୍ୟ ବଜାଇ ହରିବୋଲ, ହୁଳହୁଳି ପକାଇ ମା'ଙ୍କୁ ଭକ୍ତିପୂତ ବିଦାୟ ସମ୍ବର୍ଦ୍ଧନା ଦେଲେ କ'ଣ ମହାଭାରତ ଅଶୁଦ୍ଧ ହୋଇଯିବ! ପୂଜା ତିନି ଦିନଯାକ ସିନେମା ବା ଆଲବମ୍ ଗୀତ ବଦଳରେ ଭଜନ, ଜଣାଣ, ବିଷ୍ଣୁ ସହସ୍ର ନାମ ବାଜିଲେ କର୍ଣ୍ଣ କ'ଣ ଅପବିତ୍ର ହୋଇଯିବ? ଭସାଣିରେ ମଦର ବ୍ୟବହାର କ'ଣ ନିତାନ୍ତ ଜରୁରୀ! ପୂଜା ତିନିଦିନଯାକ ଅରୁଆ ବା ଉପବାସରେ ରହି ପୂଜା କରିବା ଏବଂ ଭସାଣି ଦିନ ଢୋଲେ ମଦ ପିଇ ନାଚିବା- ଏହା କୋଉ ଭକ୍ତିରେ ଗଣା କେଜାଣି!

ମାନସିକ ଶାନ୍ତି ଓ ସହାବସ୍ଥାନ ନିମନ୍ତେ ମଣିଷ ଦେବ ବା ଦେବୀ ପୂଜା କରିବ, କିନ୍ତୁ ତା' ପୂର୍ବରୁ ସ୍ଥାନୀୟ ପୋଲିସ ପ୍ରସ୍ତୁତି ବୈଠକ କରି ସେମାନଙ୍କୁ ଜ୍ଞାନ ଦେବ- ଡିଜେ ବଜାଇବନି, ଭସାଣିରେ ମଦ ପିଇବ ନାହିଁ, ମେଲୋଡ଼ିରେ ଅଶ୍ଳୀଳ ନୃତ୍ୟ ଏବଂ ଗୀତ ନ ବୋଲିବା ସହ ସ୍ୱଳ୍ପ ଡ୍ରେସ୍ ପିନ୍ଧିବନି ଇତ୍ୟାଦି ଇତ୍ୟାଦି। ଏଥିରୁ ହେଜିବା ହେଉ ଯେ ନିଜକୁ ଶ୍ରେଷ୍ଠ ଏବଂ ମହାଜ୍ଞାନୀ ବୋଲାଉଥିବା ଏ ମଣିଷ ଦିଅଁ ଆରାଧନାକୁ କେତେ ନୀଚ ସ୍ତରକୁ ନେଇଗଲାଣି।

ହିନ୍ଦୁ ବା ସନାତନ ଧର୍ମର ପୂଜା ପାର୍ବଣ ବା ଆଧ୍ୟାତ୍ମିକ ରୀତିନୀତିରେ ଏଇ କିଛି ବର୍ଷ ହେଲା ଅପସଂସ୍କୃତିର ବୁନ୍ଦାବୁନ୍ଦା ମିଠା ବିଷ ମିଶି ଏହାକୁ ଅପବିତ୍ର ଏବଂ ଅନ୍ୟ ଆଖିରେ ଏକ କୁତ୍ସିତ ଏବଂ କଦାକାର ରୂପର ଝଲକ ଦେଖାଇ ସାରିଲାଣି । ନଚେତ୍ ବୃହତ୍ ଏବଂ ବିଶାଳ ସଂଖ୍ୟାରେ ବସବାସ କରୁଥିବା ସନାତନୀମାନଙ୍କୁ ସାମାନ୍ୟ ଜଣେ ରାଜନେତାଟିଏ ସନାତନ ଧର୍ମକୁ ଡେଙ୍ଗୁ ବା କରୋନା ସହ ସମତୁଲ କରିବା ପାଇଁ ସାହସ କୁଳାଇ ପାରୁ ନ ଥା'ନ୍ତା ବା ବିଭିନ୍ନ ସମୟରେ ଆମ ଦେବଦେବୀ ଅନ୍ୟ ଧର୍ମାବଲମ୍ବୀଙ୍କ ଦ୍ୱାରା ଆକ୍ଷେପର ଶିକାର ହେଉ ନ ଥା'ନ୍ତେ। ଏଥିପାଇଁ ରାଜନେତା ବା ଅନ୍ୟ ବର୍ଗର ଲୋକମାନେ ଯେତିକି ଦାୟୀ ନୁହନ୍ତି, ତା'ଠାରୁ ଢେର ଅଧିକ ଦାୟୀ ହେଉଛନ୍ତି ଆମ ଭିତରେ ଥିବା କିଛି ଅଶିକ୍ଷିତ, କୁସଂସ୍କାରୀ ଏବଂ ଦୂରଦର୍ଶୀହୀନ ଉଦ୍‌ଭ୍ରାନ୍ତ ଗୋଷ୍ଠୀ। ଏମାନଙ୍କର ଏ ବିଚାରହୀନ ଆତ୍ମଘାତୀ କାର୍ଯ୍ୟକୁ ବିରୋଧ କଲେ କେବଳ ଯେ ଅସମ୍ମାନଜନକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ ତା' ନୁହେଁ, କେତେକ କ୍ଷେତ୍ରରେ ପିଠିରେ ଉତ୍ତମ ମଧ୍ୟମ ବସିବାର ବି ପରିସ୍ଥିତି ଉପୁଜିପାରେ।

ଯେତେ ଯାହା ପରିସ୍ଥିତି ଉପୁଜୁଛି ପଛେ ଉପୁଜୁ, କିନ୍ତୁ ସମାଜର ବୁଦ୍ଧିଜୀବୀମାନେ ଆଉ ଏଣିକି ଚୁପ୍ ହୋଇ ବସି ରହିବାଟା ଉଚିତ ମନେହୁଏନା। ଏବେ ପରିସ୍ଥିତି ଏମିତି ହେଲାଣି ଯେ ଅଷ୍ଟ ପ୍ରହରୀ କୀର୍ତ୍ତନ କରୁଥିବା କୀର୍ତ୍ତନୀୟାମାନେ ବି ସୋମରସ ଖୋଜିଲେଣି। ଏଭଳି ପରିସ୍ଥିତିରେ ଶିକ୍ଷିତ ଆଉ ସଚେତନଶୀଳ ପିତାମାତା ଏବଂ ବୁଦ୍ଧିଜୀବୀମାନେ ଆଗକୁ ଆସି ମୁହଁ ଖୋଲିବା ଉଚିତ ମନେହୁଏ । ନଚେତ୍ ଯେଉଁମାନେ ଆଜି ସନାତନ ଧର୍ମକୁ କେବଳ ଆକ୍ଷେପ କରିବାରେ ନିଜକୁ ସୀମିତ ରଖିଛନ୍ତି, ଆଗାମୀ ଦିନରେ ସେମାନେ ପ୍ରତ୍ୟେକ ସନାତନୀଙ୍କୁ ଦେଖିଲେ ଛେପ ପକାଇବାକୁ ବି ପଶ୍ଚାତ୍‌ପଦ ହେବେନି।


– ପ୍ରିନ୍ସିପାଲ, ଆପେକ୍ସ ଆଇ.ଟି.ଆଇ.,
ପତ୍ରକଣା, କସର୍ଦା, କଟକ
ମୋ: ୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଭିନ୍ନ ପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ

ଚିତ୍ତରଞ୍ଜନ ବେହେରା
ପ୍ରକାଶକ- ବିଜୟିନୀ ପବ୍ଲିକେଶନ୍
ଶଙ୍କରପୁର, କଟକ-୧୨, ମୂଲ୍ୟ-୧୨୦ଟଙ୍କା

**ପୁ**ସ୍ତକରେ ରହିଛି ୧୨ଟି ଗଳ୍ପ । ଦୁଃଖ, ଯନ୍ତ୍ରଣା ଓ ଅସହାୟତା ଥିଲେ ବି ଗାଳ୍ପିକ ଜୀବନକୁ ସୁନ୍ଦର ଓ ମଧୁମୟ ଭାବରେ ଦେଖିଛନ୍ତି । ଗଳ୍ପଗୁଡିକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇଛି ପରିବାରର ସଂହତି ଓ ସହାବସ୍ଥାନ। ସେଥିରେ ନାରୀର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀର ପତ୍ନୀ, କନ୍ୟା ଓ ମାତୃରୂପ ପ୍ରତି ଗାଳ୍ପିକ ଖୁବ୍ ସଚେତନ ହୋଇଛନ୍ତି। ସେ 'ଅବଶିଷ୍ଟ ଆୟୁଷ' ହେଉ କିମ୍ବା 'ଏକା ଏକା' ଗଳ୍ପରେ ଏକ ବୃଦ୍ଧା ଚରିତ୍ର ମାଧ୍ୟମରେ ଛୁଆ ଅମଣିଷ ହେଲେ ଧନ କ'ଣ ହେବ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେହିପରି 'ନିବିଡ ଶୂନ୍ୟତା' ଗଳ୍ପରେ ଭାଇ ଭାଇର ସମ୍ପର୍କକୁ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। ସ୍ଥାନିତ ଗଳ୍ପଗୁଡିକ ପାଠକୀୟ ଆଦୃତିର ଆଶା ରଖେ।




### ଯୁଗ୍ମ ଭାବ

ଡା.ସହଦେବ ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ
ପ୍ରକାଶକ-ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ
ବ୍ରହ୍ମପୁର, ମୂଲ୍ୟ-୧୨୦ଟଙ୍କା

'**ଯୁ**ଗ୍ମ ଭାବ' ଡା.ସହଦେବ ସ୍ୱାଇଁ ଓ ଜ୍ଞାନ ରଞ୍ଜନ ସ୍ୱାଇଁଙ୍କ କବିତା ପୁସ୍ତକ। ଏଥିରେ ସହଦେବ ସ୍ୱାଇଁଙ୍କର ୧୩ଟି କବିତା ରହିଥିବା ବେଳେ ଜ୍ଞାନ ରଞ୍ଜନ ସ୍ୱାଇଁଙ୍କର ୧୧ଟି କବିତା ରହିଛି। ଯାହା ଭାବ ଉଦ୍ରେକ ମନ ଓ ହୃଦୟ ଭିତରେ ଉବୁଟୁବୁ ହୁଏ ସଭିଏଁ ତାକୁ ପରି ପ୍ରକାଶ କରି ପାରନ୍ତି ନାହିଁ। ଯେଉଁ ଭାବନା ଅବ୍ୟକ୍ତ ତାକୁ କହି ହୁଏନା କି ସହି ହୁଏନା । ସେହି ଭାବ ଆଉ ଚିନ୍ତା ଚେତନାରୁ ଉଦ୍ରେକ ହୁଏ କବିତା । ଏହି ଦୁଇ କବି ଯୁଗ୍ମ ଭାବ ନେଇ ଯାହା ଲେଖିଛନ୍ତି ତାହା ସ୍ୱୟଂ ସମ୍ପୂର୍ଣ୍ଣ। ଏ ସଂକଳନ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।




### ନଷ୍ଟଝିଅ

ମାଧବୀ ପଟେଲ, ସୃଜନ ସ୍ୱପ୍ନ, ବଡଗଡ ବ୍ରିଟ୍ କଲୋନୀ
ଭୁବନେଶ୍ୱର -୧୮, ମୂଲ୍ୟ-୧୫୦ଟଙ୍କା

'**ନ**ଷ୍ଟଝିଅ' ମାଧବୀ ପଟେଲଙ୍କ ଉପନ୍ୟାସ । କାହାଣୀଟି ସମ୍ପୂର୍ଣ୍ଣ ପାରିବାରିକ । ବଡଭଉଣୀ ଘରେ ରହି ପାଠ ପଢୁଥିଲା ରାନୁ। ସେ ଘରେ ତା'ର ଅସ୍ମିତା ସୁରକ୍ଷିତ ନ ଥିଲା। ତା'ଠାରୁ ୨୨ବର୍ଷ ବଡ଼ ବାପା ସମାନ ଭିଣୋଇର ଲୋଲୁପ ଦୃଷ୍ଟି ତା' ଉପରେ ଥିଲା। ବଡ ଭଉଣୀ ବଲ୍ଲଭୀ ନ ଥିବା ବେଳେ ତାକୁ କୋଳ କରିବାକୁ ଚେଷ୍ଟା କରୁଥିଲା। ସେ ପହଞ୍ଚିବା ମାତ୍ରେ ନାନୀ ଆସିଲା କହି କୌଶଳରେ ଖସି ଯାଉଥିଲା। ଦିନେ ଏଭଳି ହେଉଥିବା ବେଳେ ନାନୀର ନଜର ପଡିଥିଲା ସେମାନଙ୍କ ଉପରେ। ଆଉ ଭାବିଲା ରାନୁର ବି ସମ୍ମତି ଅଛି ଏଭଳି କାମରେ। ତେଣୁ ରାଗରେ ତା' ଗାଲରେ ୨ ଚାପୁଡା ବସାଇ ଘରୁ ବାହାର କରି ଦରଜା ବନ୍ଦ କରି ଦେଲା। ରାନୁ କାନ୍ଦି କାନ୍ଦି ଗାଁ ମୁହାଁ ହେଲା। ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା ।




# ଭି-ଶେପ୍ ଚେହେରା ପାଇଁ

ପଏଣ୍ଟେଡ ଭି- ଲାଇନ୍ ଚିନ୍ ଥିବା ଛୋଟିଆ ଅଣ୍ଡାକୃତିର ଚେହେରା ହେଉଛି ସୁନ୍ଦରୀ ମହିଳାଙ୍କ ଚେହେରାର ବୈଶିଷ୍ଟ୍ୟ। ହେଲେ ଏଭଳି ଚେହେରା ପାଇବା ଏତେଟା ସହଜ ନୁହେଁ। ବିଭିନ୍ନ ପ୍ରକାରର ଫେସ୍ ମସାଜ ଓ ଫେସ୍ ଏକ୍ସସାଇଜ୍ କଲେ ଯାଇ ଏଭଳି ଚେହେରା ମିଳେ। ତେବେ ଚାଇନାରେ ତିଆରି ହୋଇଛି ଏମିତି ଏକ ଯନ୍ତ୍ର ଯାହାକୁ ବ୍ୟବହାର କରି ସହଜରେ ଭି ଶେପ୍ ଚେହେରା ମିଳିପାରିବ। ଏହି ଯନ୍ତ୍ରଟି ହେଉଛି ଏକ ଛୋଟିଆ ବୈଦ୍ୟୁତିକ ଶକ୍ ଅନ୍ ଗ୍ୟାଜେଟ୍। ଦେଖିବାକୁ ଏକ ଛୋଟ ବୋତଲ ପରି, ଯାହାକୁ ପାଟି ଭିତରେ ରଖି ଅନ୍ କଲେ ବୋତଲ ଆକୃତିର ଏହି ଗ୍ୟାଜେଟ୍‌ଟି ମିନିଟ୍‌କୁ ୮୪୦ ଥର ଭାଇବ୍ରେଟ୍ ହୋଇଥାଏ। ଏଥିରୁ ବାହାରୁଥିବା ହାଇ ଫ୍ରିକ୍ୱେନ୍ସି ଭାଇବ୍ରେଶନ୍ ପାଇଁ ଫେସିଆଲ ମଶଲ୍‌ଗୁଡିକରେ ବ୍ୟାୟାମ ହୁଏ। ଦିନରେ ଅତିକମ୍‌ରେ ୧୦ ମିନିଟ୍ ଏହାକୁ ବ୍ୟବହାର କରିବାକୁ ହେବ। ଫଳରେ ଚେହେରାର ଢିଲା ହୋଇଯାଇଥିବା ମାଂସପେଶୀ



ଟାଇଟ୍ ହେବ, ଚେହେରାର ଫ୍ୟାଟ କମିବ ଓ ଚେହେରାର ଆକାର ଭି ଆକାରର ହୋଇଯିବ। ବେଶି ପରିଶ୍ରମ ନ କରି ପରଫେକ୍ଟ ସୁନ୍ଦର ଚେହେରା ପାଇବା ଲାଗି ଉକ୍ତ ଗ୍ୟାଜେଟ୍‌ଟି ଚାଇନାରେ ବେଶ ଲୋକପ୍ରିୟ ହୋଇପାରିଛି। ଏହା ଏବେ ଅନ୍‌ଲାଇନ୍‌ରେ ବି ଉପଲବ୍ଧ ହେଉଛି। ତେଣୁ ଚାହିଁଲେ ଯେ କେହି ଏହାକୁ ଆଣି ବେଶ୍ ଆରାମରେ ପରଫେକ୍ଟ ସ୍ଲିମ୍ ଚେହେରା ପାଇପାରିବେ।







# ନିଆରା ଥ୍ରୀଡି ଆର୍ଟ

ଥ୍ରୀଡି ଆର୍ଟ ଲାଗେ ବେଶ୍ ବାସ୍ତବ। ସେଥିପାଇଁ ଏଭଳି ଆର୍ଟକୁ ସମସ୍ତେ ପସନ୍ଦ କରନ୍ତି। ତେବେ ଲିଓନ କିୟର ନାମକ ଜଣେ କଳାକାର କେବଳ ଥ୍ରୀଡି ଆର୍ଟ କରନ୍ତି ନାହିଁ ବରଂ ତାଙ୍କ ଆର୍ଟରେ ଲୁଚି ରହିଥାଏ ସମାଜ ପାଇଁ କିଛି ବାର୍ତ୍ତା। ଯେମିତିକି ପରିବେଶ ସଚେତନତା, ସାମାଜିକ ଅସମାନତା ଆଦି। ରାସ୍ତା ଘାଟ, ଘରର ବାହାର ପାର୍ଶ୍ୱର କାନ୍ଥ ହେଉକି ଛାତ ଏସବୁ ଉପରେ ଲିଓନ ବେଶ୍ ସୁନ୍ଦର ଥ୍ରୀଡି ଆର୍ଟ କରନ୍ତି। ଆଉ ସେସବୁର ଲୁକ୍ ଏମିତି ବଦଳିଯାଏ ଯେ, ତାହା ରାସ୍ତା କି ଘରର କାନ୍ଥ ଜଣାପଡ଼େନା। କେତେବେଳେ ବଡ଼ ବଡ଼ ବଲ ଗଡିବା ପରି ଲାଗେ ତ କେବେ ଗୋଟାକ ଉପରେ ଗୋଟେ ଥାକ କରି ରଖାଯାଇଥିବା କପ୍ ପଡ଼ିବା ପରି ଲାଗେ। ପୁଣି କେଉଁଠି ରାସ୍ତାରେ ବଡ଼ ଖାଲ ହୋଇଥିବା ଚିତ୍ର ମନରେ ଭୟ ସୃଷ୍ଟି କରିବ, ଆଉ କେବେ ସତସତିକା ଏକ ବଡ଼ ଜିନିଷ ଥିବା ଭାବି ଛୁଇଁବାକୁ ଗଲାବେଳେ ତାହା ଏକ ଚିତ୍ର ଜାଣି ହସ ଲାଗିବ। ତାଙ୍କର ଏହି କଳାକୁ ଲୋକେ ପସନ୍ଦ କରୁଛନ୍ତି। ଆଉ ସୋସିଆଲ ମିଡିଆରେ ବି ଏହା ଭାଇରାଲ ହେଉଛି।





# ହାତ ଛାଡି ଚଲାଇଲେ ୧୩୦ କି.ମି.

କାନାଡାର ସାଇକେଲ ଚାଳକ ରବର୍ଟ ମରେ ନିକଟରେ ନିଜ ସାଇକେଲ ଚାଳନାକୁ ନେଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ୧୩୦.୨୯ କି.ମି.ରାସ୍ତାକୁ ସେ ହାତ ଛାଡି ଅର୍ଥାତ୍ ହ୍ୟାଣ୍ଡଲ ନ ଧରି ସାଇକେଲ ଚଳାଇ ଉକ୍ତ ରେକର୍ଡ କରିଛନ୍ତି। ସେପୁଣି ୫ ଘଣ୍ଟା ୩୭ ମିନିଟରେ। ଏଥିରେ ତାଙ୍କର ଅତୁଳନୀୟ ସନ୍ତୁଳନ, ସହନଶକ୍ତି ଓ ଲକ୍ଷ୍ୟ ହାସଲ ପ୍ରତି ନିଷ୍ଠାର ଝଲକ ଦେଖିବାକୁ ମିଳିଥିଲା। ରବର୍ଟଙ୍କର ପିଲାଟି ଦିନରୁ ସାଇକେଲ ଚାଳନା ପ୍ରତି ଭଲ ପାଇବା ଥିଲା। ହାତ ଛାଡି ସାଇକେଲ ଚଲାଇବାର ପ୍ରୟାସ ସେ ସବୁବେଳେ କରୁଥିଲେ। ପ୍ରଥମେ ପ୍ରଥମେ ତ ସେ ଅଳ୍ପ କିଛି କି.ମି. ହାତ ଛାଡି ଚଲାଇବା ବି କଷ୍ଟକର ହୋଇପଡୁଥିଲା। ହେଲେ ଲଗାତାର କଠିନ ପରିଶ୍ରମ ପରେ ଏତେ ବାଟ ବିନା ହ୍ୟାଣ୍ଡେଲ ଧରି ଚଲାଇବାରେ ସକ୍ଷମ ହେଲେ। ଏହାବାଦ ରବର୍ଟ କହନ୍ତି, 'ମୋ ଜେଜେମା' ଅଲଝାଇମର୍ ରୋଗୀ ଥିଲେ।ଏହି ରୋଗରେ ତାଙ୍କ ଜୀବନ ବି ଯାଇଥିଲା। ମୋ ଜେଜେମା' ଚାହୁଁଥିଲେ ମୁଁ ଅଲଝାଇମର୍ ରୋଗୀଙ୍କୁ ସାହାଯ୍ୟ କରିବା ଲାଗି ଏଭଳି ଦୁଃସାହସିକ କାର୍ଯ୍ୟ କରି ଅର୍ଥ ଯୋଗାଡ କରେ। ତେଣୁ ଏଭଳି ସାଇକେଲ ଚଲାଇବା ମୁଁ ଜାରି ରଖିଛି।'



